

**ଆଇସିସି ଦିନିକିଆ ର୍ୟାଙ୍କି : ତଳକୁ ଖସିଲେ ବିରାଟ, ଟପ୍‌ରେ ନ୍ୟୁଜିଲାଣ୍ଡର ଡେରିଲି ମିଚେଲ**


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୫୫ ● ୨୨ ଜାନୁଆରୀ ୨୦୨୬, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-355 ● 22nd January 2026, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ତିନିଦିନିଆ ମତ୍ସ୍ୟ-ପ୍ରାଣୀ ସମାବେଶ ଉଦ୍‌ଘାଟିତ

# ଗୋ' ଚୋରାଚାଲାଣରୁ ବିରତ ନହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ

**ଭୁବନେଶ୍ୱର, ୨୧।୧**

**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ଆମ ସରକାର ଆସିବା ମାତ୍ରେ ପ୍ରଥମ ବଜେଟ୍‌ରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଆମ ରାଜ୍ୟ ପାଇଁ ଏକ ଐତିହାସିକ ଯୋଜନା ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ ମତ୍ସ୍ୟ-ପ୍ରାଣୀ ସମାବେଶ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି।

ଭୁବନେଶ୍ୱର ଜନତା ମୈଦାନ ଠାରେ ଆୟୋଜିତ ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ରାଜ୍ୟର ଚାଷୀମାନଙ୍କ ମଧ୍ୟରୁ ପ୍ରାୟ ୯୨ ପ୍ରତିଶତ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ। ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଆଗାମୀ ଦିନରେ ଜମି ହୋଲ୍‌ଡିଙ୍ଗ୍ ଆହୁରି



ଯୋଜନା କାର୍ଯ୍ୟକାରୀ ଆରମ୍ଭ କରାଯାଇଛି। ସେ କହିଥିଲେ ଆମ ସରକାର ୧୪୦୦

ରାଜ୍ୟରେ ୧.୩୫ ଲକ୍ଷ ଲିଟର ଅଧିକ ଦୁଗ୍ଧ ଉତ୍ପାଦନ ହେଉଛି। ଏହି ପରିମାଣକୁ ଆହୁରି

ବୃଦ୍ଧି କରିବା ପାଇଁ ଆମେ ପ୍ରତିବଦ୍ଧତା ସହ କାମ କରୁଛୁ।

ସେ ପୁଣି କହିଥିଲେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀମାନଙ୍କୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେଇ ଶଙ୍କର ଜାତୀୟ ଅଧିକ ଦୁଗ୍ଧ ପ୍ରଦାନକାରୀ ଗାଇ ଓ ମଇଁଷି ପାଳନ ପାଇଁ ଉତ୍ସାହିତ କରାଯାଉଛି। ଏହା ମାଧ୍ୟମରେ ୪.୭୩ ଲକ୍ଷ ହିତାଧିକାରୀଙ୍କୁ ୨୬୨ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହିତ ଦୁଗ୍ଧ ବ୍ୟବସାୟୀମାନଙ୍କ ପାଇଁ ଓମ୍‌ଫେଡ୍ ପକ୍ଷରୁ ଲିଟର ପିଛା ୨ ଟଙ୍କା ଅଧିକ ସହାୟତା ରାଶି ଦିଆଯାଉଛି। କେବଳ ମାଈ ବାଛୁରୀ ଜନ୍ମ ପାଇଁ ଲିଙ୍ଗ ନିରୂପିତ ଶୁକ୍ରାଣୁ ମାଧ୍ୟମରେ କୃତ୍ରିମ ପ୍ରଜନନ ଯୋଜନା ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ରାଜ୍ୟର ୨.୩୦ ଲକ୍ଷ ଗୋ- (ପୃଷ୍ଠା ୭ରେ)

## ସିଡ୍‌ବିକୁ ଅତିରିକ୍ତ ୫ ହଜାର କୋଟି ଟଙ୍କାର ଇକ୍ୟୁଟି ସହାୟତା ପାଇଁ କ୍ୟାବିନେଟ୍ ମଞ୍ଜୁରୀ

# ସାମିଲ ହେବେ ୨୫.୭୪ ଲକ୍ଷ ନୂଆ ଏମଏସଏମଇ ହିତାଧିକାରୀ

**ନୂଆଦିଲ୍ଲୀ, ୨୧।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ (ସିଡବି)କୁ ଅତିରିକ୍ତ ୫ ହଜାର କୋଟି ଟଙ୍କାର ଇକ୍ୟୁଟି ସହାୟତା ଯୋଗାଇ ଦେବା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

କେନ୍ଦ୍ର ସରକାରଙ୍କ ବିତ୍ତୀୟ ସେବା ବିଭାଗ (ଡିଏଫଏସ) ତିନୋଟି କିସ୍ତିରେ ୫ ହଜାର କୋଟି ଟଙ୍କାର ଇକ୍ୟୁଟି ପୁଞ୍ଜି ସିଡବିରେ ବିନିଯୋଗ କରିବ। ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ୫୬୮.୬୫ ଟଙ୍କାର ବୁକ୍ ଭେଲ୍ୟୁ ଆଧାରରେ ୩ ହଜାର କୋଟି ଟଙ୍କା ଯୋଗାଇ ଦିଆଯିବ। ୨୦୨୬-୨୭ ଏବଂ ୨୦୨୭-୨୮ ଆର୍ଥିକ ବର୍ଷ ଲାଗି ପୂର୍ବ ଆର୍ଥିକ ବର୍ଷର ୩୧ ମାର୍ଚ୍ଚ ସୁଦ୍ଧା ରହିଥିବା ବୁକ୍ ଭେଲ୍ୟୁ ଆଧାରରେ ୧,୦୦୦ କୋଟି ଟଙ୍କା ଲେଖାଏଁ ପୁଞ୍ଜି ବିନିଯୋଗ କରାଯିବ।

୫୦୦୦ କୋଟି ଟଙ୍କାର ଇକ୍ୟୁଟି ପୁଞ୍ଜି ବିନିଯୋଗ ପରେ ୨୦୨୫ ଆର୍ଥିକ ବର୍ଷ ସୁଦ୍ଧା ଆର୍ଥିକ ସହାୟତା ପାଉଥିବା ଏମଏସଏମଇଗୁଡ଼ିକ ସଂଖ୍ୟା ୭୬.୨୬



ଲକ୍ଷରୁ ବୃଦ୍ଧି ପାଇ ୨୦୨୮ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧ କୋଟି ୨ ଲକ୍ଷରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଏହାର ଅର୍ଥ ହେଉଛି ପାଖାପାଖି ୨୫.୭୪ ଲକ୍ଷ ନୂଆ ଏମଏସଏମଇ ହିତାଧିକାରୀ ସାମିଲ ହୋଇପାରିବେ। ଏମଏସଏମଇ ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟ ମୁତାବକ, ୬.୯୦ କୋଟି ଏମଏସଏମଇ ଉଦ୍ୟୋଗ ଦ୍ୱାରା ୩୦.୧୬ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି, ଅର୍ଥାତ୍ ପ୍ରତ୍ୟେକ ଏମଏସଏମଇ ହାରାହାରି ୪.୩୭ ବ୍ୟକ୍ତିଙ୍କୁ ରୋଜଗାର ଦେଉଛି। ଏହି ହାରକୁ ଧ୍ୟାନରେ ରଖିଲେ, ଆର୍ଥିକ ବର୍ଷ ୨୦୨୭-୨୮ ଶେଷ ସୁଦ୍ଧା ୨୫.୭୪ ଲକ୍ଷ ନୂଆ ଏମଏସଏମଇ ଆନୁମାନିକ ୧.୧୨ କୋଟି ନିଯୁକ୍ତି ସୃଷ୍ଟି କରିବେ।

ଆଗାମୀ ୫ ବର୍ଷ ମଧ୍ୟରେ ନିର୍ଦ୍ଦେଶିତ ଋଣ ଯୋଗାଣ ଏବଂ ସେହି ପୋର୍ଟଫୋଲିଓରେ ଆଶା କରାଯାଇଥିବା ଅଭିବୃଦ୍ଧି ଉପରେ ଧ୍ୟାନ ଦେଇ, ସିଡବିର ବାଲାନ୍ସ (ପୃଷ୍ଠା ୭ରେ)

# ଡାଭୋସରେ ଭାରତର ପ୍ରଭାବୀ ଶୁଭାରମ୍ଭ : ଭାରତ ଏଆଇ ପ୍ରସ୍ତୁତିରେ ବିଶ୍ୱ ସ୍ତରରେ ତୃତୀୟ

**ନୂଆଦିଲ୍ଲୀ, ୨୧।୧**

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ୱିଜରଲ୍ୟାଣ୍ଡର ଡାଭୋସଠାରେ ଆୟୋଜିତ ବିଶ୍ୱ ଆର୍ଥିକ ମଞ୍ଚରେ 'ଏଆଇ ପାୱାର ପ୍ଲେ' ଶୀର୍ଷକ ଏକ ବିଶ୍ୱସ୍ତରୀୟ ଶୀର୍ଷ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି। ଏହି



ନୀତି ନିର୍ଦ୍ଧାରକ, ଶିଳ୍ପ ନେତା ଏବଂ ବହୁପାକ୍ଷିକ ପ୍ରତିଷ୍ଠାନଗୁଡ଼ିକର ପ୍ରତିନିଧିଙ୍କ ଅଂଶଗ୍ରହଣ ସହିତ ଏହି ଆଲୋଚନାରେ ଶକ୍ତି ସନ୍ତୁଳନ, ଉତ୍ପାଦକତା ବୃଦ୍ଧି ଏବଂ ଦେଶଗୁଡ଼ିକରେ ନୀତିଗତ ଢାଞ୍ଚାରେ ପରିବର୍ତ୍ତନ ଉପରେ ଏଆଇର ପ୍ରଭାବ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିଲା।

ୟୁରେସିଆ ଗ୍ରୁପ୍‌ର ଅଧ୍ୟକ୍ଷ ଇଆନ ବ୍ରେମର ଏହି ପ୍ୟାନେଲ ଆଲୋଚନାକୁ ପରିଚାଳନା କରିଥିଲେ। ଏଥିରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ର ପରିଚାଳନା ନିର୍ଦ୍ଦେଶକ ସୁଶ୍ରୀ କ୍ରିଷ୍ଟାଲିନା ଜର୍ଜିଭା, ମାଇକ୍ରୋସଫ୍ଟର ସଭାପତି ବ୍ରାଡ ସ୍ମିଥ, ସାଉଦୀ ଆରବର ନିବେଶ ମନ୍ତ୍ରୀ (ପୃଷ୍ଠା ୭ରେ)

# ଦଳରେ ରହି ଯିଏ ଆପଣଙ୍କୁ ହଇରାଣ କରେ ମୁଁ ତାକୁ ଦଳରୁ କାଢ଼ିନିଏ : ନବୀନ

**ଭୁବନେଶ୍ୱର, ୨୧।୧**

**ନ୍ୟୁଜ୍‌ବ୍ୟୁରୋ**

ବିଜେଡିରୁ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନକୁ ନେଇ ଉଠୁଛି ପଡୁଛି ରାଜ୍ୟ ରାଜନୀତି। ଏହାକୁ ନେଇ ନେତାଙ୍କ ପକ୍ଷରୁ ବୟାନବାଜି ଜାରି ରହିଛି। କାହିଁକି ଏବଂ କେଉଁ କାରଣ ପାଇଁ (ପୃଷ୍ଠା ୭ରେ)






31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଜାନୁଆରୀ, ଗୁରୁବାର ୨୦୨୬





# ମିଲର୍ସଙ୍କ ମନମାନି : ଚାଷୀ ଖର୍ଚ୍ଚରେ ଯାଉଛି ଧାନ

**କୋରାପୁଟ, ନ୍ୟୁଜ୍ ବ୍ୟୁରୋ**



କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅଧୀନରେ ଚାଲିଥିବା ଖରିଫ ମଣ୍ଡି ପରିଦର୍ଶନ କରିଛନ୍ତି ଡିଆରସିଏସ । ଚଳିତ ଖରିଫ ଋତୁରେ ଦେଖିବାକୁ ମିଳୁଛି ଅଜବ ସମସ୍ୟା। ଚାଷୀଙ୍କ ଧାନ ନେବାକୁ ଗାଡ଼ି ପଠାଉ ନାହାନ୍ତି ମିଲର୍ସ। ଚାଷୀ ନିଜ ହାତରୁ ଗାଡ଼ି ଖର୍ଚ୍ଚ ବହନ କରି ଧାନ ପଠାଉ ଥିବା ବେଳେ ମିଲର୍ସଙ୍କ ଏଭଳି ଦାଦାଗିରି ପାଇଁ ସମସ୍ୟା ଭୋଗୁଛନ୍ତି ଚାଷୀ।

ସରକାରୀ ନିୟମାନୁଯାୟୀ ଚାଷୀ ରଖିଥିବା ଧାନକୁ ମିଲକୁ ନେବା ନିମନ୍ତେ ମିଲର୍ସ ଗାଡ଼ି ପଠାଇବା ନିୟମ ରହିଥିବା ବେଳେ ଚଳିତ ବର୍ଷ କୁନ୍ଦୁରା ବ୍ଲକ ଅଧୀନରେ ଅଧିକାଂଶ ଚାଷୀ ନିଜେ ଗାଡ଼ି ଭଡ଼ା ଦେଉଥିବା ସମସ୍ତଙ୍କୁ ଚକିତ କରିଛି। କୁନ୍ଦୁରା ବ୍ଲକରେ ୧୨ଟି ସ୍ଥାନରେ ମଣ୍ଡି ଚାଲିଥିବା ବେଳେ ସମସ୍ତ ମଣ୍ଡିରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ଚାଷୀଙ୍କ ଫୋନକୁ ସମୟସୀମା ମଧ୍ୟରେ ଧାନ ବିକ୍ରି କରିବା ନିମନ୍ତେ ମେସେଜ ଆସୁଥିବା ବେଳେ କ୍ରୟାକରି ସଂସ୍ଥା ବା ଲ୍ୟାମ୍ପସ ସମୟ ଅନୁସାରେ ଟୋକନ ତାଲିକା ବାହାର କରିଥାଏ । ଏହି ସମୟ ମଧ୍ୟରେ ଚାଷୀ ଯଦି ଧାନ ମଣ୍ଡି ସ୍ଥଳକୁ ଧାନ ନେବାରେ ବିଳମ୍ବ କରେ ତେବେ ଟୋକନ ରଦ୍ଦ ହେବା ଭୟ ରହିଛି। ଏହାର ଫାଇଦା ଉଠାଇ ଚାଷୀକୁ ଶୋଷଣ କରିବା ଦିଗରେ ଏଭଳି ଉପାୟ ଅବଲମ୍ବନ କରୁଛନ୍ତି ମିଲର୍ସ।

ଏହି ଖବର ଯୋଗାଣ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ କ୍ରୟାକରି ସଂସ୍ଥା ନିକଟରେ ମିଲର୍ସଙ୍କ ଏଭଳି ଶୋଷଣ ନୀତି ଏବଂ ଦାଦାଗିରି ଖବର ରହିଥିବା ସତ୍ତ୍ୱେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନଥିବା ଚାଷୀଙ୍କ ପ୍ରତି ଏକ କୁଠାରଘାତ ସଦୃଶ। ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀମାନେ ମଣ୍ଡିସ୍ଥଳକୁ ଗସ୍ତ କରୁଥିବା ବେଳେ ସମସ୍ୟା ଗୁଡ଼ିକୁ ସମାଧାନ କରିବାରେ ଅବହେଳା ହେଉଥିବା ଦେଖିବାକୁ ମିଳୁଛି। କୁନ୍ଦୁରା ବ୍ଲକର ସମସ୍ତ ଧାନ ମଣ୍ଡିରୁ ପଞ୍ଜିକୃତ ଚାଷୀଙ୍କ ଠାରୁ ୧୯୩୦୦୦ କ୍ୱିଣ୍ଟାଲ ମଧ୍ୟରୁ ୧୫୬୩୯୬ କ୍ରୟ ହୋଇଥିବା ବେଳେ ବଳକା ୩୬୬୦୪ କ୍ୱିଣ୍ଟାଲ ଧାନ କ୍ରୟ ହେବା ନେଇ କୁନ୍ଦୁରା ସମବାୟ ବିଭାଗ ପରିଚାଳନା ନିର୍ଦ୍ଦେଶକ ପରିଦର୍ଶନରେ ଆସିଥିବା ସମବାୟ ଉପ ନିବନ୍ଧକ ମୋନିକା ରାୟଙ୍କୁ କହିଛନ୍ତି।

## ପିକଅପ୍ ଗାଡ଼ିରୁ ବିପୁଳ ପରିମାଣର ଗଞ୍ଜେଇ ଜବତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା। ଯାଜପୁର ଟାଉନ ଅଞ୍ଚଳରୁ ଏକ ପିକ୍ଅପ୍‌ରୁ ଗଞ୍ଜେଇ ଜବତ କରାଯାଇଛି। ପିକ୍ଅପ୍ ଗାଡ଼ିରେ ଉପରେ ପାଣି ବୋତଲ ସହ ଭିତରେ ଗଞ୍ଜେଇ ଚାଲାଣ ହୋଉଥିବା କୌଣସି ସୂତ୍ରରୁ ସୂଚନା ପାଇ ଅବକାରୀ ବିଭାଗ ପେଟ୍ରୋଲିଂ କରିବା ସମୟରେ ଚଢ଼ଉ କରିଥିଲା। ୧ କ୍ୱିଣ୍ଟାଲ ୬୦ କେ.ଜି. ଗଞ୍ଜେଇ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ଟଙ୍କା ହେବ। ଘଟଣାରେ ୨ ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରହିଛି। ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲ୍ଲାର ଆନନ୍ଦ ଭୋଇ ଓ ଅନୁଗୁଳ ଜିଲ୍ଲାର ରେଙ୍ଗାଲି ବେଢା ଅଞ୍ଚଳର ଅନୀଲ ବେହେରା ବୋଲି ଜଣାପଡ଼ିଛି। ଏମାନେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ବୌଦ୍ଧ ଜିଲ୍ଲାରୁ ଗଞ୍ଜେଇ ଆଣି ଚାଲାଣ କରୁଥିଲେ।

## ୨ ମାସ ହେଲା ଅନ୍ଧାରରେ ଗ୍ରାମବାସୀ

**ଖଡ଼ିଆଳ, ନ୍ୟୁଜ୍ ବ୍ୟୁରୋ**



ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ଦାବ୍ରି ଗ୍ରାମ ପଞ୍ଚାୟତର ଭାଲୁଡୁଙ୍ଗରି ଗ୍ରାମବାସୀ ୨ ମାସ ହେଲା ଅନ୍ଧାରରେ ରହିଛନ୍ତି। ଏଠାରେ ବସିଥିବା ଟ୍ରାନ୍ସଫର୍ମର ପୋଡ଼ିଯିବା ପରେ ଏହି ସମସ୍ୟା ସୃଷ୍ଟି ହୋଇଛି। ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ଥିବାବେଳେ ଛାତ୍ରୀଛାତ୍ର ଠିକ୍ ଭାବରେ ପଢ଼ିପାରୁନାହାନ୍ତି। ଲୋକେ ମୋବାଇଲ ଚାର୍ଜ ପାଇଁ ଅନ୍ୟ ଗ୍ରାମକୁ ଯିବାପାଇଁ ପଡୁଛି। ଏପରିକି ଗାଁକୁ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଏ ନେଇ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ୍ ବିଭାଗ ଅଫିସ ଖଡ଼ିଆଳ ଆସୁଥିଲେ ବି ବିଭାଗୀୟ ଅଧିକାରୀଙ୍କୁ ଭେଟିପାରୁ ନାହାନ୍ତି। ଲୋକଙ୍କ କହିବା ଅନୁଯାୟୀ ସେମାନେ ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରିଥିଲେ ମଧ୍ୟ ଅନ୍ୟ କେତେଜଣ ଉପଭୋକ୍ତା ବିଲ୍ ଦେଇନାହାନ୍ତି। ନିର୍ଦ୍ଦିଷ୍ଟ କେତେଜଣଙ୍କ ପାଇଁ ସେମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଅତିଶୀଘ୍ର ବିଦ୍ୟୁତ୍ ସଂଯୋଗ ନ ଦେଲେ ସେମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## ଜିଲ୍ଲା ପ୍ରଶାସନର ପ୍ରୟାସରେ ଷ୍ଟେଟ୍ ଇନଷ୍ଟିଟ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟରେ ପଢ଼ିବେ ଜିଲ୍ଲାର ୧୫ ଛାତ୍ର

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ବଲାଙ୍ଗୀର ସ୍ଥିତ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ରେ ପାଠ ପଢ଼ିବେ ମାଲକାନାଗିରି ଜିଲ୍ଲାର ପନ୍ଦର ଜଣ ଛାତ୍ର। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ପ୍ରଚେଷ୍ଟା କ୍ରମେ ଆଜି ଜିଲ୍ଲାର ୧୫ ଜଣ ଛାତ୍ର ବଲାଙ୍ଗୀର ଅଭିମୁଖେ ଯାତ୍ରା କରିଛନ୍ତି। ସମସ୍ତ ଛାତ୍ର ହୋଟେଲ ମ୍ୟାନେଜମେଣ୍ଟ ପାଠ୍ୟକ୍ରମରେ ଡିପ୍ଲୋମା କୋର୍ସ କରିବେ। ଜିଲ୍ଲାର ଜନଜାତି ଯୁବକ ଯୁବତୀଙ୍କର ଦକ୍ଷତା ବିକାଶ ମାଧ୍ୟମରେ ସେମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରି ସ୍ୱାବଲମ୍ବୀ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଗ୍ରାଧିକାର ଦିଆଯାଉଛି ବୋଲି ଜିଲ୍ଲାପାଳ ଏହି ଅବସରରେ ମତବ୍ୟକ୍ତ କରିଛନ୍ତି। ଆଜି ଯେଉଁ ଯୁବକ ଯୁବତୀ ହୋଟେଲ ମ୍ୟାନେଜମେଣ୍ଟରେ ଡିପ୍ଲୋମା ପାଠ ପଢ଼ିବାକୁ ଯାଇଛନ୍ତି, ଆଗାମୀ ଦିନରେ ଆହୁରି ଅଧିକରୁ ଅଧିକ ଯୁବଗୋଷ୍ଠୀ ସେମାନଙ୍କ ଦ୍ୱାରା ଅନୁପ୍ରାଣିତ ହେବେ। ଉକ୍ତ ଛାତ୍ରଛାତ୍ରୀଙ୍କ ସମସ୍ତ ପାଠ୍ୟକ୍ରମ ଖର୍ଚ୍ଚ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଅଧୀନରେ ମିଶନ ବାତ୍ସଲ୍ୟ କାର୍ଯ୍ୟକ୍ରମ ଓ ରେଡକ୍ରସ୍ ପାଣ୍ଠି ତରଫରୁ ବହନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଏହି ଅନୁଷ୍ଠାନରେ ପ୍ରଶିକ୍ଷଣ ପାଇବା ପରେ ଛାତ୍ରଛାତ୍ରୀ ମାନେ ଶତ ପ୍ରତିଶତ ପ୍ରତିଷ୍ଠିତ ସଂସ୍ଥାରେ ନିଯୁକ୍ତି ପାଇବାର ସୁଯୋଗ ରହିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଓ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଗୁପ୍ତ ମାଢି ବଲାଙ୍ଗୀର ସ୍ଥିତ ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ଜିଲ୍ଲାର ଯୁବକ ଯୁବତୀ ଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କର କାଉନସେଲିଂ କରିଥିଲେ।

## ପ୍ରସ୍ତାବିତ ଗ୍ୟାସ୍ ପାଇପ୍ ଲାଇନକୁ ବିରୋଧ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ଛତିଶଗଡ଼ର ରାୟପୁରରୁ ବିଶାଖାପାଟଣା ପର୍ଯ୍ୟନ୍ତ ଏଚ୍‌ପିସିଏଲ୍ ଗ୍ୟାସ୍ ପାଇପ୍ ଲାଇନ ପ୍ରକଳ୍ପକୁ ନୂଆପଡ଼ା ବ୍ଲକରେ ବିରୋଧ କରାଯାଇଛି। ନୂଆପଡ଼ା ମହକୁମା ସାହୁ ସମାଜ ଭବନଠାରେ ସଦର ବ୍ଲକର କ୍ଷତିଗ୍ରସ୍ତ ହେବାକୁ ଥିବା ଚାଷମାନେ ଏକଜୁଟ ହୋଇ ପ୍ରକଳ୍ପକୁ ବିରୋଧ କରିବା ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଏହି ପ୍ରସ୍ତାବିତ ଗ୍ୟାସ୍ ପାଇପ୍ ଲାଇନ୍ ପ୍ରକଳ୍ପର ସର୍ଭେ କାର୍ଯ୍ୟ ଇତିମଧ୍ୟରେ କମ୍ପାନୀ ପକ୍ଷରୁ କରାଯାଇ ଭୂମି ମାଲିକଙ୍କୁ ନୋଟିସ୍ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଦିବାସୀ ନେତା ଖାମସିଂ ମାଝିଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ହେବାକୁ ଥିବା ଚାଷୀମାନେ ଏକାଠି ହୋଇଥିଲେ। ସେମାନେ ଦର୍ଶାଇଥିଲେ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ଜମି ମାଲିକଙ୍କୁ ସାଙ୍ଗରେ ନେଇ କମ୍ପାନୀ ସର୍ଭେ କରିବା କଥା। କିନ୍ତୁ କାହାକୁ କିଛି ନ ଜଣାଇ କମ୍ପାନୀ ମନମୁଖୀ ସର୍ଭେ କରି ନୋଟିସ ଜାରି କରିଛି। ଅନେକ ଚାଷୀ ଏପର୍ଯ୍ୟନ୍ତ କିଛି ଜାଣି ନାହାନ୍ତି। କମ୍ପାନୀ କିଛି ଲୋକଙ୍କ ଅଭିଯୋଗକୁ ଜିଲ୍ଲା ପ୍ରଶାସନ ପାଖରେ ରଖି ତା'ର ସମାଧାନ କରିଦେବାକୁ ଭିତିରିଆ ଚାଲ ଖେଳୁଛି ବୋଲି ସଭାରେ ଖାମସିଂ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ପ୍ରଥମେ ଗ୍ରାମସଭା ହେଉ, ନ ହେଲେ ଆମେ ପକଳ୍ପକୁ ବିରୋଧ କରିବୁ। ସମାବେଶରେ ଗୋପାଳ ଚନ୍ଦ୍ର ସାହୁ, ଲଳିତ ସାହୁ, ଭୋଳାନାଥ ସାହୁ, ହୋମସିଂ ମାଝି, ନୀଳକଣ୍ଠ ସାହୁ, ଶୋଭାରାମ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

## ଭୀମ ମଣ୍ଡଳୀରେ ସର୍ବେକ୍ଷଣ କାର୍ଯ୍ୟ ଜାରି : ମିଳୁଛି ପ୍ରସ୍ତର ଯୁଗର ପ୍ରମାଣ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ ଅନ୍ତର୍ଗତ ରାଇଲ ଏବଂ ଲାଣ୍ଡିମାଳ ସଂରକ୍ଷିତ ଜଙ୍ଗଲରେ ଥିବା ପ୍ରସିଦ୍ଧ ଭୀମ ମଣ୍ଡଳୀ ଏବଂ ଏହାର ଆଖପାଖ ଅଞ୍ଚଳର ଗୁମ୍ଫା ଗୁଡିକରେ ଗତ ଜାନୁଆରୀ ପହିଲାରୁ ସର୍ବେକ୍ଷଣ ସହ ଖନନ କାର୍ଯ୍ୟ ଜାରି ରହିଛି। ଭାରତୀୟ ପ୍ରନ୍ତତ୍ୱ ସର୍ବେକ୍ଷଣ ସଂସ୍ଥା ପୁରୀ ସର୍କଲ ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ସଂସ୍ଥା ପକ୍ଷରୁ ଗୁମ୍ଫାଗୁଡିକର ସଂରକ୍ଷଣ ଓ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ଭାରତୀୟ ପ୍ରନ୍ତତ୍ୱ ବିଭାଗର ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରନ୍ତତତ୍ୱ ବିଭାଗ ପୁରୀ ସର୍କଲର ଅଧିକ୍ଷକ ବ୍ରଜସୁନ୍ଦର ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ରାଇଲ ଏବଂ ଲାଣ୍ଡିମାଳ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ସ୍ଥାନରେ ୭ ଶହରୁ ଉର୍ଦ୍ଧ୍ୱ ଗୁମ୍ଫା ରହିଥିବା ବେଳେ ସେଥିମଧ୍ୟରୁ ପ୍ରାୟ ୪୦ରୁ ଅଧିକ ଗୁମ୍ଫାରେ ପ୍ରାଗ୍ ଐତିହାସିକ ପ୍ରସ୍ତର ଯୁଗର ଶୈଳ ଚିତ୍ର ରହିଥିବା ଦେଖିବାକୁ ମିଳିଛି। ଏହା ପ୍ରାୟ ୧୫ ହଜାରରୁ ୨୦ ହଜାର ବର୍ଷ ତଳର ବୋଲି ବିଭାଗର ଅଧିକ୍ଷକ ଡ. ଗଡ଼ନାୟକ କହିଛନ୍ତି। ତେବେ ଏହି ସବୁ ଗୁମ୍ଫା ଏବଂ ଶୈଳ ଚିତ୍ରଗୁଡ଼ିକ ବୈଜ୍ଞାନିକ ପଦ୍ଧତିରେ ଅନୁଧ୍ୟାନ ସହ ସର୍ବେକ୍ଷଣ କରାଯାଉଛି। ଆଗାମୀ ଦିନରେ ଏହାର ସମସ୍ତ ଡିଜିଟାଲ ଡକ୍ୟୁମେଣ୍ଟେସନ କରାଯିବା ପରେ ପୁରାତନ ସ୍ଥାପତ୍ୟର ବିଭିନ୍ନ ଦିଗକୁ ଉନ୍ମୋଚିତ କରାଯିବ।

## ଜରାଜୀର୍ଣ୍ଣ ଅବସ୍ଥାରେ ହୋମିଓପାଥି ମେଡିକାଲ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ମସିଗାଁ ପଞ୍ଚାୟତର ବରୁଗୁଡ଼ା ଠାରେ ଥିବା ହୋମିଓପାଥି ମେଡିକାଲଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲିଛି ହୋମିଓପାଥି ସ୍ୱାସ୍ଥ୍ୟକେନ୍ଦ୍ର। ଭଙ୍ଗା ଦଦରା ଘରେ ଚାଲିଛି ସ୍ୱାସ୍ଥ୍ୟ ସେବା। ଏପରିକି ଡାକ୍ତର ବସିବାକୁ ଜାଗା ଖଣ୍ଡିଏ ନ ଥିବାବେଳେ ଔଷଧ ମଧ୍ୟ ସୁରକ୍ଷିତ ହୋଇ ରହିପାରୁନାହିଁ। ଡାକ୍ତର ବାବୁଙ୍କ ରହିବାକୁ ଘର ନାହିଁ। ମେଡିକାଲ ଛାତ ଟିଣ ନଷ୍ଟ ହେଲାଣି। ଏବେ କଷ୍ଟେମଷ୍ଟେ ଚାଲୁଛି କିନ୍ତୁ ବର୍ଷା ଋତୁର କଥା ଆଉ ନ କହିବା ଭଲ। ଅଫିସ ଭିତରେ ଆଣ୍ଠୁଏ ବର୍ଷା ପାଣି ଭାରି ଯାଏ। ଝରକା କବାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ବାଉଁଶ ବାଡ଼ରେ ଝରକା କବାଟ ଲାଗିଛି । ବିପଦ ସଂକୁଳ ଅବସ୍ଥାରେ ଚାଲିଛି ମେଡିକାଲ। ଏଭଳି ଜରାଜୀର୍ଣ୍ଣ ଅବସ୍ଥା ଦୁର୍ଗମ ପଞ୍ଚାୟତ ଲୋକଙ୍କୁ ନିରବଚ୍ଛିନ୍ନ ରୋଗୀସେବା ମିଳିବାରେ ବ୍ୟତିକ୍ରମ ଦେଖାଦେଇଛି। କାରଣ ଏଠାକୁ ରୋଗୀ ଆସିବାକୁ ଅସୁରକ୍ଷିତମାନେ କରିଛନ୍ତି। ଏହି ମେଡିକାଲ ଘର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। କେତେବେଳେ ଯେ କ'ଣ ଅଘଟଣ ଘଟିବ ତାହା କହିବେବ ନାହିଁ। ରୋଗୀଙ୍କ ପାଇଁ ବସିବା ପାଇଁ ସ୍ଥାନ ନାହିଁ କି ଶୌଚାଳୟ ନାହିଁ। ଏଣୁ ଏଠାରେ ଅତିଶୀଘ୍ର ନୂତନ କୋଠା ନିର୍ମାଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳ ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ ସୁବିଧା ନିମନ୍ତେ ୪୪ ବର୍ଷ ପୂର୍ବେ ୧୯୮୨ ମସିହାରେ ତତ୍କାଳୀନ ଆର୍ଥ ଓ ଆଇନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କ ଦ୍ୱାରା ଏହି ହୋମିଓପାଥି ମେଡିକାଲ ଉଦ୍‌ଘାଟନ ହୋଇଥିଲା। କାଳକ୍ରମେ ପୁରୁଣା ଘରଟି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲା। ଏଥିଲାଗି ଏଠାରେ ୨୦୧୨ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭଗ ପକ୍ଷରୁ ୧୨ ଲକ୍ଷ ଟଙ୍କା ବ୍ୟୟରେ ନୂତନ କୋଠା ଆରମ୍ଭ ହେଲା କିନ୍ତୁ ଆଜି ପର୍ଯ୍ୟନ୍ତ ଅଧପନ୍ତରିଆ ଅବସ୍ଥା ପଡ଼ିରହିଲା ଘର ନିର୍ମାଣ। ବର୍ଷ ପରେ ବର୍ଷ ବଦଳୁଛି କିନ୍ତୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ମେଡିକାଲର ଭାଗ୍ୟ ବଦଳୁନି। ଭଙ୍ଗା ଅବସ୍ଥାରେ ରହିଥିବା ହୋମିଓପାଥି ମେଡିକାଲର ଭିତ୍ତିଭୂମି ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ସାଥି ସଂଗଠନ ସଭାପତି ଟୁଲୁ ରଥ ବହୁବାର ଚେଷ୍ଟା କରିଛନ୍ତି। ଗ୍ରାମବାସୀ ମଧ୍ୟ ବହୁବାର ଅଭିଯୋଗ କରିଛନ୍ତି। କିନ୍ତୁ ଫଳ ଶୂନ। ଏ ସମସ୍ୟା ନେଇ ହୋମିଓପାଥି ମେଡିକାଲ ଡାକ୍ତର ସୁମିତା ଟୁଡୁଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ କହିଛନ୍ତି ଯେ, ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ନୂତନ କୋଠା ନିର୍ମାଣ ହେଲେ ଏହି ସମସ୍ୟା ଆଉ ରହିବ ନାହିଁ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ ବିବେକାନନ୍ଦ ଶିକ୍ଷକେନ୍ଦ୍ରର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିବେକାନନ୍ଦ ଶିକ୍ଷକେନ୍ଦ୍ରର ପ୍ରଧାନ ଶିକ୍ଷକ ନବଘନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଡେପୁଟି ଜେନେରାଲ ମ୍ୟାନେଜର ପୁଷ୍ପରାଜ ପ୍ରଧାନ ଯୋଗଦେଇ ନୀତିଶିକ୍ଷା ଓ ପାଠ୍ୟକ୍ରମ ଉପରେ ମତବ୍ୟକ୍ତ କରିଥିଲେ। ସମାଜସେବୀ ସୀତାଂଶୁ ଶେଖର ସାହୁ ସମ୍ମାନିତ ଅତିଥି ଯୋଗ ଦେଇଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍କୁଲର ସମ୍ପାଦକ ବୈକୁଣ୍ଠନାଥ ସାହୁ ବିବରଣୀ ପ୍ରଦାନ କରିଥିବା ବେଳେ ସ୍କୁଲ ସଭାପତି କିଶୋର ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଅକ୍ଷୟ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଅନିରୁଦ୍ଧ ରାଉତ, ଶିକ୍ଷୟିତ୍ରୀ ଜୟଶ୍ରୀ ଜେନା, ବିଜୟଲକ୍ଷ୍ମୀ ମିଶ୍ର,କଲ୍ୟାଣୀ ମଲ୍ଲ,ଦୀପ୍ତି ମଞ୍ଜରୀ ସାମଲ,କବିତା ସାମଲ, କୁମୁଦୁନି ବିଶ୍ୱାଳ,ଶୁଚିସ୍ମିତା ପଣ୍ଡା,ଲୋପାମୁଦ୍ରା ମହାନ୍ତି,ରେଣୁବାଳା ଭଦ୍ର,ପ୍ରଭାତୀ ବାରିକ,ସ୍ନେହଲତା ସାହୁ, ନିର୍ମଳା ଶତପଥୀ, ଶିକ୍ଷକ ସୁନୀଲ କୁମାର ପଣ୍ଡା,ସୁକାନ୍ତ କୁମାର ଦୋରା,ସୁକାନ୍ତ ମହାରଣା,ତପନ କୁମାର ଭଦ୍ର,ଜଗତ କୁମାର ନାୟକ, ଦୀପ୍ତି ରଞ୍ଜନ ରାୟ, ସଞ୍ଜୟ କୁମାର ସାହୁ, ନିରୋଦ ପ୍ରଧାନ, ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶ୍ରୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

## କବୟିତ୍ରୀ ଅନ୍ନପୂର୍ଣ୍ଣା ମହାନ୍ତି ପୁସ୍ତକମେଳା ସାହିତ୍ୟ ସମ୍ମାନରେ ସମ୍ମାନିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର ପୁସ୍ତକମେଳା ଶ୍ରେଷ୍ଠ ସାହିତ୍ୟ ସମ୍ମାନ ସହରସ୍ଥ ମାଧପୁର ଗ୍ରାମର ବରିଷ୍ଠ କବୟତ୍ରୀ ଓ କଥାକାର ଅନ୍ନପୂର୍ଣ୍ଣା ମହାନ୍ତିଙ୍କୁ କେନ୍ଦ୍ରାପଡ଼ା ତ୍ରୟୋବିଂଶତମ ରାଜ୍ୟସ୍ତରୀୟ ପୁସ୍ତକ ମେଳାରେ ସମ୍ମାନିତ କରାଯାଇଛି । ଶ୍ରୀମତୀ ମହାନ୍ତି ଓଡ଼ିଆ ସାହିତ୍ୟରେ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ବ୍ୟାପୀ ନିରବଧି ଯୋଗଦାନ ନିମନ୍ତେ 'ଶ୍ରାବଣୀ ସାହିତ୍ୟ ସଂସଦ'ଠାରୁ ଆରମ୍ଭ କରି 'ଗୋକର୍ଣ୍ଣିକା କବିତା ସମ୍ମାନ', 'ଜାଗରୂକ ସମ୍ମାନ' ଓ 'ରାଉରକେଲା ସାହିତ୍ୟ ଅନୁଷ୍ଠାନ' ପରି ଏକାଧିକ ବାଣୀପୀଠ ରଚନା କରିଥିବାରୁ ସମ୍ମାନ ଓ ସ୍ୱୀକୃତି ଲାଭ କରିଛନ୍ତି। ସେହିପରି ଏକାଧିକ କାବ୍ୟ ଓ ଗଳ୍ପଗ୍ରନ୍ଥ ସହ ମୌଳିକ ଉପନ୍ୟାସ ରଚନା କ୍ଷେତ୍ରରେ ସୃଜନ ଦକ୍ଷତା ବେଶ୍ ସ୍ୱଚ୍ଛ ଓ ପାଠକାଦୃତ ହୋଇଥିଲେ। ବିଶେଷକରି ନାରୀ ଜୀବନର ସୀମିତ ବଳୟ ମଧ୍ୟରେ ବୃହତର ଆକାଂକ୍ଷାର ପ୍ରତିବେଦନ କରି ଓଡ଼ିଆ ସାହିତ୍ୟକୁ ଅବଦାନ ପାଇଁ ତ୍ରେୟାବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳା-୨୦୨୬ର ଉଦ୍‌ଯାପନ ଦିବସରେ କେମ୍ପ୍ର ସଭାପତି ଅକ୍ଷୟ ପାଣିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ମୁଖ୍ୟବକ୍ତା ଆଲାସ୍କା ବିଶ୍ୱବିଦ୍ୟାଳୟ ପ୍ରଫେସର ଡଃ ଦେବେନ୍ଦ୍ର କୁମାର ଦାସ, ସମ୍ମାନିତ ଅତିଥି ବରିଷ୍ଠ କବି ନିରାକାର ଦାସ , ସ୍ୱତନ୍ତ୍ର ଅତିଥି ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁଧାକର ସାହୁ, ସମ୍ପାଦକ ଜାହିଦ ଖାନ ଯୋଗଦେଇ ଶ୍ରୀମତୀ ମହାନ୍ତିଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ ।

## ବିଭିନ୍ନ ପୀଠରୁ ପହଞ୍ଚିଲା ପବିତ୍ର ମଶାଲ : ମୁଖ୍ୟ ମଞ୍ଚରେ ସ୍ଥାପନ ପାଇଁ ବିଶାଳ ଶୋଭାଯାତ୍ରା

**ଭବାନୀପାଟଣା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଉତ୍ସବରେ କଳା, ସଂସ୍କୃତି ଓ ଇତିହାସ ନୁହେଁ, ବରଂ ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରୁଥିବା ଜିଲ୍ଲାର ବିଭିନ୍ନ ଐତିହାସିକ, ଆଧ୍ୟାତ୍ମିକ ତଥା ସାଂସ୍କୃତିକ ପୀଠସ୍ଥଳୀରୁ ପବିତ୍ର ମଶାଲ ପହଞ୍ଚିବା ପରେ ସହରର ବିଭିନ୍ନ ଛକରେ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରୁ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ମଶାଲ ଓ ମଶାଲ ଅଭିଯାତ୍ରୀଙ୍କୁ ସ୍ୱାଗତ କରି ଗାନ୍ଧୀ ଛକସ୍ଥିତ ସାମୟିକ ମଶାଲ ରହଣୀ ସ୍ଥଳକୁ ନିଆଯାଇଥିଲା। ଏହି ଅବସରରେ ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, କୃଷି ମହାବିଦ୍ୟାଳୟ, ସାନ୍ଧ୍ୟ ମହାବିଦ୍ୟାଳୟ, ଇଞ୍ଜିନିୟରିଂ ମହାବିଦ୍ୟାଳୟ, ବିକାଶ ସ୍କୁଲ, ପ୍ରଗତି ଶିକ୍ଷାନୁଷ୍ଠାନ ସହିତ ସହରର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମହାରାଜ ଉଦିତ ପ୍ରତାପ ଦେଓଙ୍କ ଉପସ୍ଥିତିରେ ମାଣିକେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା ସହିତ ମୁଖ୍ୟ ମଶାଲ ବାହାରିବା ପରେ ସେଠାରୁ ଅନ୍ୟ ମଶାଲ ସହିତ ମିଶି ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ମୁଖ୍ୟ ମଞ୍ଚ ସହିଦ ରେଣ୍ଡୋ ମାଝୀ ମଞ୍ଚ ପର୍ଯ୍ୟନ୍ତ ଯାଇଥିଲା। କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଭବାନୀପାଟଣା ମ୍ୟୁନିସିପାଲିଟି ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଏହି ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମଶାଲ କମିଟିର ଅଧ୍ୟକ୍ଷ ଭବାନୀଶଙ୍କର ନିଆଲଙ୍କ ସହିତ ମଶାଲ ଶୋଭାଯାତ୍ରାରେ ନୋଡାଲ ଅଧିକାରୀ ଶ୍ରୀକାନ୍ତ ଦଳେଇ, କମିଟିର ସହ ଅଧ୍ୟକ୍ଷ ତଥା ମୋ ଭାରତ କେନ୍ଦ୍ରର ସଂଯୋଜକ ପ୍ରସନ୍ନ ମେହେର, ଲେଖାପାଳ ଦୂତିଆ ବନଛୋର, ସହ ଅଧ୍ୟକ୍ଷା ସନ୍ତୋଷିନୀ ଦାସ, ଆବାହକ ଯଯାତି କେଶରୀ ନାୟକ, ପ୍ରଦୀପ କୁମାର ଦାସଙ୍କ ସହିତ କମିଟିର ସମସ୍ତ ସଦସ୍ୟ, ସଦସ୍ୟା, ମୋ ଭାରତ କେନ୍ଦ୍ରର ଯୁବ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। ସେହିପରି ସାଂସ୍କୃତିକ କମିଟିର ଉପଦେଷ୍ଟା ଅକ୍ଷୟ କୁମାର ଦାସ, ଅଶୋକ ପଟ୍ଟନାୟକ, ସହ ଅଧ୍ୟକ୍ଷ ଧାନାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରର ସାଂସ୍କୃତିକ ଦଳ ସାମିଲ ଥିଲେ।

## ତେନ୍ତୁଳିଗୁମ୍ଫା ଠାରେ ମଣ୍ଡି ଖୋଲିବା ପାଇଁ ଦାବି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ ତେନ୍ତୁଳିଗୁମ୍ଫା ପଞ୍ଚାୟତବାସୀ ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁଯାୟୀ, ତେନ୍ତୁଳିଗୁମ୍ଫାରେ ମଣ୍ଡି ବ୍ୟବସ୍ଥା ନାହିଁ। ଏଣୁ ଚାଷୀର ଧାନ ବିକ୍ରି ପାଇଁ ରାମଗିରି ମଣ୍ଡି ଆଣିବାକୁ ପଡୁଛି। ଏଥିପାଇଁ ସେମାନଙ୍କୁ ୯୦ କିଲୋମିଟର ଦୂର ଅତିକ୍ରମ କରୁଛନ୍ତି। ରାମଗିରି ମଣ୍ଡିକୁ ଆଣି ଧାନ ବିକ୍ରି କରିବା ପାଇଁ ଅଧିକ ଖର୍ଚ୍ଚ ସହ କଷ୍ଟ ମଧ୍ୟ ହେଉଛି। ଏଥିପାଇଁ ହନ୍ତସନ୍ତ ହେଉଛନ୍ତି ତେନ୍ତୁଳିଗୁମ୍ଫା ପଞ୍ଚାୟତର ସମସ୍ତ ଚାଷୀ। ଏଣୁ ତେନ୍ତୁଳିଗୁମ୍ଫାରେ ଧାନ ମଣ୍ଡି ଆରମ୍ଭ ପାଇଁ ଦାବି ହୋଇଛି। ସରପଞ୍ଚ ମମିତା ନାୟକ ସମେତ ଅଞ୍ଚଳବାସୀ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେପଟେ ସ୍ଥାନୀୟ ତହସିଲଦାର ସ୍ନିଗ୍ଧା ଚୌଧୁରୀ କହିଛନ୍ତି, ଏ ସମସ୍ୟାକୁ ନେଇ ଉପଜିଲ୍ଲାପାଳଙ୍କ ଦୃଷ୍ଟିଗୋଚର କରିବେ। ଚଳିତ ବର୍ଷ ବୈପାରୀଗୁଡ଼ା ମଣ୍ଡିରୁ ସେମାନଙ୍କ ଧାନ ଉଠାଇବା ପାଇଁ ଚେଷ୍ଟା କରିବେ ଏବଂ ଆଗାମୀ ଦିନରେ ତେନ୍ତୁଳିଗୁମ୍ଫା ଠାରେ ମଣ୍ଡି ଖୋଲିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ।

## ମାସକରେ ୧୫ ଅସହାୟ ଉଦ୍ଧାର

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଅନେକ ଅସହାୟ ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜ ପେଟପାଟଣା ପାଇଁ ପୁରୀ ସହରରେ ବୁଲି ଭିକ୍ଷା ବୃତ୍ତି କରିଥାନ୍ତି। ରାତି ହେଲେ ଏମାନେ କେଉଁଠି ମୁଣ୍ଡ ଗୁଞ୍ଜିବେ ସେହି ଚିନ୍ତାରେ ପଡ଼ିଥାନ୍ତି। ତେଣୁ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ ଏପରିକି ଦୋକାନ ବାରଣ୍ଡାରେ ଶୋଇପଡ଼ନ୍ତି। ପୁଣି ସକାଳ ହେଲେ ଭିକ୍ଷାବୃତ୍ତିରେ ବାହାରିପଡ଼ନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ, ବଡ଼ଦାଣ୍ଡ ସମେତ ବିଭିନ୍ନ ଗଳିକନ୍ଦିରେ ଏମିତି ଅସହାୟ ଲୋକଙ୍କୁ ଦେଖିବାକୁ ମିଳିଥାଏ। ବର୍ତ୍ତମାନ ପ୍ରବଳ ଶୀତ ପଡୁଛି। ଅନେକ ଅସହାୟ ବ୍ୟକ୍ତି ଖୋଲା ଆକାଶ ତଳେ ରାତି କାଟୁଥିବା ଦେଖିବାକୁ ମିଳୁଛି। ତେଣୁ ଏହିପରି ନିରାଶ୍ରୟ, ଅସହାୟ ଓ ଭିକ୍ଷୁକମାନଙ୍କର କଲ୍ୟାଣ, ସୁରକ୍ଷା, ଉଦ୍ଧାର ଏବଂ ପୁନର୍ବାସ ସମ୍ପର୍କିତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ବିଭିନ୍ନ ଥାନାଧିକାରୀ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଏମାନଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଡିସେମ୍ବର ୧୫ରୁ ଜାନୁୟାରୀ ୧୫ ମାସକ ମଧ୍ୟରେ ଭିକ୍ଷାବୃତ୍ତି କରୁଥିବା ୧୫ ଜଣ ଅସହାୟଙ୍କୁ ଉଦ୍ଧାର କରାଯାଇଛି। ଓଡ଼ିଶା ପତିତ ଉଦ୍ଧାର ସମିତି (ଓପିୟୁଏସ୍) ସହାୟତାରେ ଏମାନଙ୍କୁ ଉଦ୍ଧାର କରାଯାଇ ସର୍ବୋଦୟନଗର ସ୍ଥିତ ଆଶ୍ରୟ ସ୍ଥଳରେ ରଖାଯାଇଛି। ଏହିପରି ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ପୁରୀ ଶ୍ରୀ ସିଂ କହିଛନ୍ତି।

## ଆରଡି ଇନ୍ଦୁପୁର ସେକସନ ଅଫିସରଙ୍କ ଉପ କାର୍ଯ୍ୟାଳୟରେ ୮ ବର୍ଷ ହେଲା ତାଲା ଝୁଲୁଛି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଆରଡି (ଗ୍ରାମ୍ୟ ଉନ୍ନୟନ)ବିଭାଗର ସେକସନ ଅଫିସରଙ୍କ କାର୍ଯ୍ୟାଳୟରେ ଦୀର୍ଘ ୮ ବର୍ଷ ହେଲା ତାଲା ଝୁଲୁଛି। ସରକାର ଲୋକମାନଙ୍କ ହିତ ଦୃଷ୍ଟିରୁ ଏବଂ ବିଭିନ୍ନ ବିଭାଗୀୟ କାର୍ଯ୍ୟକୁ ତ୍ୱରାନିତ୍ୱ କରିବା ପାଇଁ ଜନ ସାଧାରଣଙ୍କ ହିତରେ ଲଗାଇବା ପାଇଁ ଏହି କାର୍ଯ୍ୟାଳୟକୁ ଦୀର୍ଘ ୮ ବର୍ଷ ତଳେ ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ ଶଶି ଭୂଷଣ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୁତରଙ୍ଗ ପଞ୍ଚାୟତର କୋଳିଆ ଛକରେ ଇନ୍ଦୁପୁର ସେକସନ ଉପ କାର୍ଯ୍ୟାଳୟ ୨୦୧୮ ମସିହା ମଇ ମାସ ୧ ତାରିଖରେ ଉଦ୍‌ଘାଟନ ହୋଇଥିଲା। ଉଦ୍‌ଘାଟନ ହେବାପରେ ଜେଇ ଦିନେମାତ୍ର ଏହି କାର୍ଯ୍ୟାଳୟକୁ ଆସି ନଥିବା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି କାର୍ଯ୍ୟାଳୟର ଚାରିପଟେ ଜଙ୍ଗଲ ହେବା ସହ ଅଫିସ ଗୃହ ସଂପୂର୍ଣ୍ଣ ଭାଙ୍ଗିରୁଜି କାର୍ଯ୍ୟାଳୟ ସମ୍ମୁଖରେ ଲାଗିଥିବା ଲୁହା ଗେଟ ସଂପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି। ତୁରନ୍ତ ଏହି ଉପ କାର୍ଯ୍ୟାଳୟ କୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ସମାଜସେବୀ ରାଜନ ପ୍ରସାଦ ଥାଟୋଇ, ସଂଜୀବ କୁମାର ଥାଟୋଇ, ଅକ୍ଷୟ କୁମାର ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନେ ଦାବି କରିଛନ୍ତି।

## ଦୁଇ ଫେରାର ଅଭିଯୁକ୍ତ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଲକାପୁଟ୍ ଗ୍ରାମର ଜଗନ୍ନାଥ ହରିଜନ(୪୦) ଓ ନୂଆଗୁଡ଼ା ଗ୍ରାମର ତୁଳା ହରିଜନ (୪୦)। ପୋଲିସ ସୂଚନା ଅନୁଯାୟୀ ଜଗନ୍ନାଥ ହରିଜନ ଗତ ୨୦୨୪ ମସିହାରେ ଚୋରା ମଦ କାରବାରରେ ଗୋଟିଏ ଅପରାଧିକ ମାମଲାରେ ସଂପୃକ୍ତ ଥିବା ବେଳେ ତୁଳା ହରିଜନ ୨୦୨୨ ମସିହା ଚୋରା ମଦ କାରବାରରେ ସମ୍ପୃକ୍ତ ଥିଲେ। ଉଭୟେ ନାମରେ ଅପରାଧିକ ମାମଲା ରହିଥିଲା । ସେହିଦିନଠାରୁ ଦୁଇ ଅଭିଯୁକ୍ତ ଫେରାର ରହିଥିଲେ। ତେବେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କାରି କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ବର୍ଜ୍ୟବସ୍ତୁର ସଠିକ୍ ଉପଯୋଗିତା

## ଝଲସୁଛି ସହିଦ ରେଣ୍ଡୋ ମାଝୀ ମଞ୍ଚ : ୨୫ ଦିନରେ ତିଆରି କରିଛନ୍ତି ୧୫ କାରିଗର

**ଭବାନୀପାଟଣା, ନ୍ୟୁଜ୍ ବ୍ୟୁରୋ**



୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ର ମୁଖ୍ୟ ଆକର୍ଷଣ ହେଉଛି ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ନିର୍ମାଣ ହୋଇଥିବା ସହିଦ ରେଣ୍ଡୋ ମାଝୀ ମଞ୍ଚ। ମଞ୍ଚ ପ୍ରସ୍ତୁତି କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଳାହାଣ୍ଡି କଲେଜ ଅଫ ଆର୍ଟ ଏଣ୍ଡ ରିସର୍ଚ୍ଚର ୧୫ ଜଣ ଛାତ୍ରଛାତ୍ରୀ ପଚିଶ ଦିନ ପରିଶ୍ରମ କରି ଏହା ପ୍ରସ୍ତୁତ କରିଛନ୍ତି। ମଞ୍ଚ ପ୍ରସ୍ତୁତ କମିଟିର ଉପଦେଷ୍ଟା ତଥା ସ୍ଥାନୀୟ ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, କଲେଜ ଅଧ୍ୟକ୍ଷ ତଥା ମଞ୍ଚ ପ୍ରସ୍ତୁତ କମିଟିର ଅଧ୍ୟକ୍ଷ ଚିଣ୍ଟୁ ନାୟକ, ଆବାହକ ରଘୁନାଥ ଠାକୁର, ଥବିର ପ୍ରସାଦ ଯାଦବ, ସସ୍ମିତା ପଟେଲ, ଶୁଭମ ଦାସ, ସଂଗ୍ରାମ ସରାଫ, ଯୋଗେନ୍ଦ୍ର ରାଉତ, ରୁକତା ମାଝୀ, ଶ୍ରୀଧର ରାଉତ, ଶୁଭପ୍ରିୟା ବେଜ, ଲିପିକା ମିର୍ଦ୍ଧା, ବିଜନ ରେଡ୍ଡୀ ପ୍ରମୁଖଙ୍କ ଉଦ୍ୟମରେ ଏଥର ପ୍ରକୃତି ସୁରକ୍ଷା ଓ ବର୍ଜ୍ୟବସ୍ତୁର ସଠିକ ଉପଯୋଗ କରି ମଞ୍ଚ ପ୍ରସ୍ତୁତ କରାଯାଇଛି।

ବିଶେଷ କରି କଳାହାଣ୍ଡିର ଲୋକନୃତ୍ୟ, ଲୋକବାଦ୍ୟ, ଆଦିବାସୀ ଜୀବନ ଚଳଣିକୁ ଦୃଶାୟିତ କରିବାକୁ ଯାଇ ପାଳନଡା, ବାଉଁଶ, ସୁତୁଲି, ଅଖାବସ୍ତାକୁ ବ୍ୟବହାର କରି ଘୁମୁରା, ନିଶାନ, ଢୋଲ, ମହୁରି, ଡାପ ଆଦି ସ୍ଥାନିତ କରାଯାଇଛି। ମଞ୍ଚରେ ଆରାଧ ଭାବେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ କଳାହାଣ୍ଡିର ଇଷ୍ଟଦେବୀ ମାଣିକେଶ୍ୱରୀଙ୍କୁ ସ୍ଥାପିତ କରାଯାଇଛି। ବର୍ଜ୍ୟବସ୍ତୁର ଉପଯୋଗିତା, ପରିବେଶ ସନ୍ତୁଳନ ସହିତ ଜିଲାର ବିବିଧ କଳାକୃତୀକୁ ସ୍ଥାନିତ କରିବା ଓ ଗବେଷକଙ୍କ ପାଇଁ ଏ ମଞ୍ଚ ଅନେକ ଖୋରାକ୍ ଯୋଗାଇବ ବୋଲି ଆଲୋଚନା ହେଉଛି।

## ଶିଶୁ କନ୍ୟାକୁ ପିଟିପିଟି ହତ୍ୟା ମାମଲା : ବାପା ଓ ସାବତ ମା'ଙ୍କୁ ୧୦ ବର୍ଷ ଜେଲ୍

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଦିଗପହଣ୍ଡି ଥାନା ଅଞ୍ଚଳରେ ଛଅ ବର୍ଷର ଶିଶୁକନ୍ୟା ତପସ୍ୟାକୁ ପିଟିପିଟି ହତ୍ୟା କରିଥିବା ଅଭିଯୁକ୍ତ ପିତା ଏ. ଦିବାକର ଓ ସାବତ ମା' ଏସ୍ ତେପେଆଙ୍କୁ ଅତିରିକ୍ତ ଜିଲାଜଜ୍-୩ ଦୋଷୀ ସାବ୍ୟସ୍ତ କରି ଉଭୟଙ୍କୁ ୧୦ ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୨ ଫେବୃଆରୀ ୨୨ ତାରିଖରେ ଶିଶୁ କନ୍ୟାକୁ ପିତା ଓ ସାବତ ମାଆ ପିଟିପିଟି ହତ୍ୟା କରିଥିଲେ। ଏହି ଖବର ଦିଗପହଣ୍ଡି ପୁଲିସ୍ ପାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିକୋର୍ଟ ଚାଲାଣ କରିଥିଲେ । ଦୀର୍ଘ ଚାରି ବର୍ଷ ଧରି କୋର୍ଟରେ ମାମଲାର ବିଚାର ଚାଲିବା ପରେ ଚାର୍ଜସିଟ ଆଧାରରେ ଅଭିଯୁକ୍ତଙ୍କୁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଜାନୁଆରୀ ୨୦୨୬ ଗୁରୁବାର







## ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ବିଭିନ୍ନ ଶିଶୁ ଅନୁଷ୍ଠାନ ପରିଦର୍ଶନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଓ ଆୟୋଗର ସଦସ୍ୟା ନନ୍ଦନା ଦାସଙ୍କ ସହିତ ଏକ ଟିମ୍ ମଙ୍ଗଳବାର ଦିନ ଟାଙ୍ଗୀ-ଚୌଦ୍ୱାର ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଶିଶୁ ଅନୁଷ୍ଠାନ ପରିଦର୍ଶନ କରି ଶିଶୁମାନଙ୍କ ବିକାଶର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ନଖରା ପଞ୍ଚାୟତର ମେରେଶ୍ୱର ହାଇସ୍କୁଲ ପରିଦର୍ଶନ କରି ଛାତ୍ରଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ, ପୁଷ୍ଟି ଓ ଶୈକ୍ଷିକ ବିକାଶ ସହିତ ସେମାନଙ୍କର ସମସ୍ୟା ଗୁଡ଼ିକ ସମ୍ପର୍କରେ ପିଲାମାନଙ୍କୁ ପଚାରି ବୁଝିଥିଲେ । ପରେ ପରେ ଉକ୍ତ ଅଞ୍ଚଳରେ ଥିବା କିଛି ଅଙ୍ଗନୱାଡ଼ି କେନ୍ଦ୍ର ସହିତ ଶିଶୁ, ଗର୍ଭବତୀ, ପ୍ରସୂତି ଓ କିଶୋରୀ ମାନଙ୍କୁ ଯୋଗାଇ ଦିଆଯାଉଥିବା ଛତୁଆ ତିଆରି ପ୍ଲାଣ୍ଟ ବୁଲି ଦେଖିବା ସହ ଛତୁଆର ମାନ ଯାଞ୍ଚ କରିଥିଲେ । ଅପରାହ୍ନରେ ହିନ୍ଦ ସେବକ ସଂଘର ଚୌଦ୍ୱାର କେନ୍ଦ୍ର ଦ୍ୱାରା ପରିଚାଳିତ ଶିଶୁ ସଦନ ପରିଦର୍ଶନ କରି ଏହାର ଭିତ୍ତିଭୂମି ଓ ଶିଶୁ ଯତ୍ନ ସମ୍ପର୍କିତ ସମସ୍ତ ବ୍ୟବସ୍ଥା ବୁଲି ଦେଖିଥିଲେ । ସେ ଶିଶୁ ସଦନର କିଛି ଅନ୍ତେବାସୀଙ୍କ ସହ ଆଲୋଚନା କରିବା ସହିତ ପିଲାମାନଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ହସ୍ତକଳା ଦେଖି ଆନନ୍ଦ ପ୍ରକାଶ କରିଥିଲେ । ପିଲାମାନଙ୍କୁ ସୁନ୍ଦର ପରିବେଶରେ ରଖାଯାଇ ସେମାନଙ୍କ ଭବିଷ୍ୟତ ଗଢ଼ା ଯାଉଥିବା ସେ ପ୍ରକାଶ କରିଥିଲେ । ଅନୁଷ୍ଠାନର ମୁଖ୍ୟ ଦାମୋଦର ସାହୁ, ସମସ୍ତ କର୍ମକର୍ତ୍ତା ଓ ପିଲାମାନେ ଟିମ୍ ସଦସ୍ୟ ସଦସ୍ୟାମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ବିକଶିତ ଓଡ଼ିଶା ସ୍ୱପ୍ନକୁ ସାକାର କରିବା ଦିଗରେ ସରକାରଙ୍କ ବିଭିନ୍ନ ଏହି ଯୋଜନା ତୃଣମୂଳସ୍ତରରେ କିଭଳି କାର୍ଯ୍ୟକାରୀ ହେଉଛି ତାହା ଜାଣିବା ଏହି ପରିଦର୍ଶନର ଲକ୍ଷ ବୋଲି ଅଧ୍ୟକ୍ଷା ସୂଚନାଦେଇ ସମସ୍ତ ପିଲାଙ୍କୁ ଉଚିତ ପୁଷ୍ଟି ଯୋଗାଣ, ଅଧାରୁ ପାଠ ଛାଡୁଥିବା କିମ୍ବା ବିଦ୍ୟାଳୟକୁ ଆସୁନଥିବା ପିଲାମାନଙ୍କୁ ପୁଣି ବିଦ୍ୟାଳୟକୁ ଆଣିବା, ଶିଶୁ ଶ୍ରମିକ ହାର କମାଇବା, ପିଲାମାନଙ୍କ ଅନ୍ତର୍ନିହିତ ଗୁଣକୁ ଚିହ୍ନି ସେମାନଙ୍କୁ ଉଚିତ ମାର୍ଗରେ ପରିଚାଳିତ କରି ଅଗ୍ରଗାମୀ କରିବା ଦିଗରେ ସରକାର ପ୍ରୟାସ ଜାରି ରଖିଥିବା ସେ ସୂଚନା ଦେଇଥିଲେ । କଟକ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ମାନସ କୁମାର ବିଶ୍ୱାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ପ୍ରମୁଖ ପରିଦର୍ଶନ ଟିମ୍‌ରେ ସାମିଲ୍ ହୋଇଥିଲେ ।

### ////////////////// ଲକ୍ଷ୍ମୀ ଯୋଜନାରେ ବାଟବଣା ଧାମନଗର-ଆନନ୍ଦପୁର ରୁଟ୍ //////////////////

# ଲକ୍ଷ ଲକ୍ଷ ଟଙ୍କାର ବସ୍‌ଷ୍ଟପ୍ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ରାଜ୍ୟ ସରକାର ଗ୍ରାମାଞ୍ଚଳର ପରିବହନ ସେବାକୁ ସୁଦୃଢ଼ କରିବା ପାଇଁ 'ଲକ୍ଷ୍ମୀ' ବସ୍ ଯୋଜନା ଆରମ୍ଭ କରିଥିଲେ ହେଁ, ଧାମନଗର ବ୍ଲକର କେତେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଏହା କେବଳ ପ୍ରହସନ ପାଲଟିଛି । ବିଶେଷ କରି ଧାମନଗରରୁ ଆନନ୍ଦପୁର ପଞ୍ଚାୟତକୁ ସଂଯୋଗ କରୁଥିବା ରୁଟ୍‌ରେ ବସ୍ ଚଳାଚଳ କରୁନଥିବାରୁ ହଜାର ହଜାର ଜନସାଧାରଣ ସେବାରୁ ବଞ୍ଚିତ ହେବା ସହ ସରକାରୀ ଅର୍ଥର ବ୍ୟାପକ ଅପବ୍ୟୟ ଘଟୁଛି । ଯୋଜନାର ପ୍ରାରମ୍ଭିକ ସମୟରେ ଆନନ୍ଦପୁର ପଞ୍ଚାୟତକୁ ବସ୍ ଆସିବାକୁ ତାଲିକା ହୋଇଥିଲା । ରୁଟ୍ ନିର୍ଦ୍ଧାରଣ ମଧ୍ୟ ସରିଥିଲା । ଧାମନଗର ବ୍ଲକ ମୁଖ୍ୟାଳୟରୁ ଗୋଟିଏ ବସ୍ ଆନନ୍ଦପୁର ଯାଇଥାନ୍ତା । ସେଠାରୁ ସୋହଡ଼ା ପଞ୍ଚାୟତର ଷେଣ୍ଡପୁର ହୋଇ ଖଡ଼ିପଦା ଛକ ଦେଇ ଧାମନଗରରେ ପହଞ୍ଚିଥାନ୍ତା । ଏଥିଲାଗି ଖଡ଼ିପଦା ପଞ୍ଚାୟତ ଅଫିସ ସାମ୍ନା ଓ ଆନନ୍ଦପୁରର ହାତିଡିଅ ଠାରେ ଏକ ବସ୍‌ଷ୍ଟପ୍ ନିର୍ମାଣ କରାଯାଇଥିଲା । ଏଥିପାଇଁ ପ୍ରତ୍ୟେକ ବସ୍‌ଷ୍ଟପ୍ ଲାଗି ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ଏହି ରୁଟ୍‌ରେ ବସ୍ ଚକା ଗଡ଼ିଲା ନାହିଁ । ଫଳରେ ହାତିଡିଅରେ ନିର୍ମିତ ବସ୍‌ଷ୍ଟପ୍‌ଟି କୌଣସି କାମରେ ନଲାଗି ଏବେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି । ସନ୍ଧ୍ୟା ହେଲେ ଏଠାରେ ନିଶାଖୋରଙ୍କ ପ୍ରାଦୁର୍ଭାବ ବଢ଼ୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ହାତିଡିଅ ଅଞ୍ଚଳଟି ଧାମନଗରରୁ ଯାଜପୁରକୁ ସଂଯୋଗ କରୁଥିବା ଏକ ପ୍ରମୁଖ ପ୍ରବେଶ ଦ୍ୱାର । ଏଠାରେ ସପ୍ତାହକୁ ଦୁଇ ଦିନ ହାଟ ବସିବା ସହ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ବସ୍ ସେବା ଅଭାବରୁ ଆନନ୍ଦପୁର ସମେତ ବାଲିପାଟଣା, ପାହାଡ଼ପୁର, ମାନଲାପୁର ଓ ଉଡେଇପୁର ଗ୍ରାମର ଲୋକେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କେବଳ ଆନନ୍ଦପୁର ନୁହେଁ, ପଡ଼ୋଶୀ ଖଡ଼ିପଦା ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଯଥା ମୁଥାନଗର, ଦକ୍ଷିଣ କୁରୁଆ ଓ ଦକ୍ଷିଣ କାଞ୍ଜିଆପାଳ ଗାଁର ଲୋକେ ମଧ୍ୟ 'ଲକ୍ଷ୍ମୀ' ସେବାରୁ ବଞ୍ଚିତ । ଖଡ଼ିପଦା ପଞ୍ଚାୟତ ଅଫିସ୍ ସାମ୍ନାରେ ନିର୍ମିତ ହୋଇଥିବା ବସ୍‌ଷ୍ଟପ୍‌ଟି ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି । ଦୁର୍ବୃତ୍ତମାନେ ଏହାର ହୋର୍ଡିଂ ଭାଙ୍ଗି ଦେଇଥିବା ବେଳେ ଏହା ଏବେ ଗୋରୁଗାଈଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ଖଡ଼ିପଦା ହାଇସ୍କୁଲ ଓ ପଞ୍ଚାୟତ ଅଫିସକୁ ଆସୁଥିବା ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ ପରିବହନ ସୁବିଧା ନଥାଇ ବହୁ ହଇରାଣ ହେଉଛନ୍ତି । ଧାମନଗରର ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ତୁରନ୍ତ ବସ୍ ଚଳାଚଳ କରାଇବା ସହ ନଷ୍ଟ ହେଉଥିବା ସରକାରୀ ଭିତ୍ତିଭୂମିର ସୁରକ୍ଷା ପାଇଁ ଜନସାଧାରଣରେ ଦାବି ହେଉଛି । ଯଦି ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦିଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ସେପଟେ ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ କହିଛନ୍ତି ଯେ, ଲକ୍ଷ୍ମୀବସ୍ ରକ୍ଷଣାବେକ୍ଷଣ କାମ କେବଳ ତହସିଲର । କେଉଁ ରୁଟ୍‌ରେ କେଉଁ ବସ୍ ଚାଲିବ ତାହା ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପରିବହନ ବିଭାଗ ବୁଝୁଛି ।

## ସାଇବର ଠକେଇ ଅଭିଯୋଗ:୩ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର୍

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ସାଇବର ଠକେଇ ମାମଲାରେ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଞ୍ଚଳରେ ଚଢ଼ଉ । ମଧ୍ୟରାତ୍ରିରେ ଧର୍ମଶାଳା ଥାନା ପୋବଳ ଗାଁରେ କଟକ କ୍ରାଇମବ୍ରାଞ୍ଚ ଟିମ୍ ଓ ଧର୍ମଶାଳା ପୋଲିସ ମିଳିତ ରେଡ଼ କରିଛନ୍ତି । ଆର୍ଥିକ କାରବାର ନେଇ ପୋବଳ ଗାଁର ସରୋଜ ଜେନାଙ୍କ ଘରେ ଚଢ଼ଉ ହୋଇଛି । ନଗଦ ୧୫ ଲକ୍ଷ ଟଙ୍କା ସହିତ ବିପୁଳ ପରିମାଣର ଗହଣା ଜବତ କରିଛି କ୍ରାଇମବ୍ରାଞ୍ଚ । ମୁଖ୍ୟ ଅଭିଯୁକ୍ତ ସରୋଜଙ୍କ ସହ ଲିଙ୍କ ଥିବା ୩ ଜଣଙ୍କୁ କଟକ କ୍ରାଇମବ୍ରାଞ୍ଚ ଟିମ୍ ଉଠେଇ ନେଇଥିବା ସୂଚନା ମିଳିଛି । ସୂଚନା ମୁତାବକ, କିଛି ଦିନ ପୂର୍ବରୁ ସରୋଜ ଜେନାଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କାର ସାଇବର ଠକେଇ ଏବଂ ବ୍ଲାକ୍ ମେଲିଂ ଅଭିଯୋଗରେ କଟକର ସାଇବର ଥାନାରେ ଜଣେ ବ୍ୟକ୍ତି ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତି କରି ରାତି ପ୍ରାୟ ୧୦ଟା ବେଳେ ସରୋଜର ଗତିବିଧିକୁ ଲକ୍ଷ୍ୟ କରି ଉଭୟ ସାଇବର ପୋଲିସ, ଧର୍ମଶାଳା ପୋଲିସ ଓ କ୍ରାଇମବ୍ରାଞ୍ଚ ଟିମ୍ ଚଢ଼ଉ କରିଥିଲେ । ହେଲେ ଏହି ସମୟରେ କୌଶଳକ୍ରମେ ମୁଖ୍ୟ ଅଭିଯୁକ୍ତ ଖସି ଯିବାର ସଫଳ ହୋଇଥିଲା । ଏହି ଚଢ଼ଉ ରାତି ୧୦ରୁ ରାତି ପ୍ରାୟ ୧ଟା ପର୍ଯ୍ୟନ୍ତ ହୋଇଥିଲା । ଏବେ ସରୋଜଙ୍କ ସହିତ ଲିଙ୍କରେ ଥିବା ସେହି ଗାଁର ଚନ୍ଦନ ଜେନା, ଧଡ଼ିଆ ଜେନା ଏବେ ପ୍ରଫୁଲ୍ଲ ବିଶ୍ୱାଳଙ୍କୁ ସନ୍ଦେହରେ ପଚରା ଉଚରା ପାଇଁ ଉଠାଇ ନେଇଥିବା ଜଣାପଡିଛି । ଏହା ସହିତ ବିପୁଳ ପରିମାଣର ସୁନା ଓ ରୂପା ଅଳଙ୍କାର, ଗୋଟିଏ ବୁଲେଟ୍ ଓ ଗୋଟିଏ ଇଭିଏମ୍ ସ୍କୁଟି ଜବତ ସହିତ ତାଙ୍କର ଏକାଧିକ ବ୍ୟାଙ୍କ ପାସବୁକ୍ ଜବତ ହୋଇଥିବା ଜଣାପଡିଛି । ଉକ୍ତ ପାସବୁକ୍ ବହିରେ ପାଖାପାଖି ୯୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି ।

## ବିପୁଳ ପରିମାଣର କଫ୍ ସିରଫ ଜବତ:୨ ଗିରଫ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁରର ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ପୃଥକ ପୃଥକ ଖାନତଲାସରେ ୭୯୦ ବୋତଲ ନିଶା କଫ୍ ସିରଫ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି । ସକାଳେ ଜିଲ୍ଲାର ଠେଲାକୋଲି ପୋଲିସ ଥାନା ଓ ରେଙ୍ଗାଲି ଅବକାରୀ ଥାନା ଅନ୍ତର୍ଗତ ଖିଣ୍ଡା ଗ୍ରାମରେ ଚଢ଼ଉ କରାଯାଇଥିଲା । ଏଥିରେ ରିନୁ ସାହୁ (୪୩) ନାମ୍ନୀ ଜନୈକା ମହିଳା ଠାରୁ ୬୯୦ ବୋତଲ ନିଶା କଫ୍ ସିରଫ ଜବତ କରାଯାଇଛି । ଅବକାରୀ ବିଭାଗର ଅଧିକାରୀମାନେ କୌଣସି ସୂତ୍ରରୁ ସୂଚନାପାଇ ମହିଳାଙ୍କ ଘରୁ ଉକ୍ତ ସିରଫ୍ ଉଦ୍ଧାର କରିଥିଲେ । ଏନେଇ ଅବକାରୀ ଥାନାରେ ଏକ ଏନ୍‌ଡ଼ିପିଏସ୍ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଭାଗ ସୂତ୍ରରୁ ପ୍ରକାଶ । ସେହିଭଳି ପୂର୍ବରୁ ବିଭାଗର ମୋବାଇଲ ୟୁନିଟ୍ ପକ୍ଷରୁ ସ୍ଥାନୀୟ ଧନୁପାଲି ଥାନା ଅନ୍ତର୍ଗତ ଚାରଭାଟି ଅଞ୍ଚଳରେ ଚଢ଼ଉ କରାଯାଇ ଭଗ ଓରାମ (୩୨) ଠାରୁ ୧ ଶହ ବୋତଲ ନିଶା କଫ୍ ସିରଫ୍ ଜବତ କରିବା ସହିତ ତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ସୋନପୁର ଟାଉନ୍ ହଲ୍‌ରେ 'ବନ୍ଦେ ମାତରମ୍ ରାଷ୍ଟ୍ରୀୟ ଗୀତ' ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସାମୁହିକ ଗାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୋନପୁର ଟାଉନ୍ ହଲ୍ ଠାରେ 'ବନ୍ଦେ ମାତରମ୍ ରାଷ୍ଟ୍ରୀୟ ଗୀତ ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସାମୁହିକ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସାମୁହିକ ଗାନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଡ଼ ନୃପରାଜ ସାହୁ, ଉପ ଜିଲ୍ଲାପାଳ, ଡ଼ ସୌମ୍ୟାରୂପା ରଥ, ଅଧକ୍ଷା, ସୋନପୁର ପୌର ପରିଷଦ, ତାମସୀ ତାମସ୍ମିତା ନାୟକ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୁବର୍ଣ୍ଣପୁର, ରଷି ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର, ଅଚ୍ୟୁତାନନ୍ଦ ସିଂହ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ସୁବର୍ଣ୍ଣପୁର, ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀ, ସୋନପୁର ପୌର ପରିଷଦର କାଉନ୍‌ସିଲର ମାନଙ୍କ ସମେତ ସୋନପୁର ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ବନ୍ଦେ ମାତରମ୍ ରାଷ୍ଟ୍ରୀୟ ଗୀତକୁ ସାମୁହିକ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମଦନ ସୁନ୍ଦର କ୍ଷେତି, ଅଧ୍ୟାପକ, ଇଂରାଜୀ ବିଭାଗ, ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ ମହାବିଦ୍ୟାଳୟ, ଶ୍ରୀ ଚୌଧୁରୀ ବିଭାର ସହିତ ସୋନପୁର ମ୍ୟୁନିସିପାଲିଟିର କର୍ମଚାରୀମାନେ ସହଯୋଗ କରିଥିଲେ । ଏହି ଅବସରରେ ବନ୍ଦେ ମାତରମ୍ ରାଷ୍ଟ୍ରୀୟ ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସୋନପୁର ସହରର ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା, ରଚନା ଓ ଅନ୍ୟ ବିଷୟରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅବସରରେ ଏହି ରାଷ୍ଟ୍ରୀୟ ଗୀତକୁ କିଭଳି ଗାନ କରାଯିବ, ସେ ବିଷୟରେ ଶ୍ରୀ କ୍ଷେତି, ଶ୍ରୀ ବିଭାର ଓ ଅନ୍ୟ ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କୁ ବିଶଦ ଭାବେ ତାଲିମ୍ ପ୍ରଦାନ କରିଥିଲେ । ନିର୍ବାହୀ ଅଧିକାରୀ, ସୋନପୁର ପୌରପରିଷଦ ରାଷ୍ଟ୍ରୀୟ ଗୀତ ଉପରେ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

## ବିବାଦରେ ଚୌଦ୍ୱାର ସର୍କଲ୍ ଜେଲ୍:ଦୁଇ ଅଧିକାରୀଙ୍କ କଳିରେ ଗୁପ୍ତ ତଥ୍ୟ ଲିକ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ବିବାଦରେ ପୁଣି ଚୌଦ୍ୱାର ସର୍କଲ୍ ଜେଲ୍ । ଦୁଇ ବିହାରୀ କଏଦୀ ଫେରାର୍ ନେଇ ଜେଲର – ସୁପରିଟେଣ୍ଡେଣ୍ଟ ମୁହାଁମୁହିଁ । କଏଦୀ ଫେରାର୍ ଘଟଣାରେ ପୂର୍ବତନ ଜେଲର ସନ୍ତୋଷିନୀ ଦାଶ ବର୍ତ୍ତମାନ ସୁପରିଟେଣ୍ଡେଣ୍ଟଙ୍କ ବିରୋଧରେ ଆଣିଥିଲେ ସଙ୍ଗୀନ ଅଭିଯୋଗ । ଗତ ଶନିବାର ଚୌଦ୍ୱାର ଥାନାରେ ମାମଲା ଦାୟର କରିଥିଲେ । ଯେଉଁଥିରେ ସେ ଉଲ୍ଲେଖ କରିଥିଲେ ଯେ, ସୁପରିଟେଣ୍ଡେଣ୍ଟ ସୁଜିତ କୁମାର ରାଉଳ ନିଜ ପଦବୀର ଅପବ୍ୟବହାର କରିବା ସହ ପୂର୍ବତନ ଜେଲରର ମ୍ୟାଡାମ୍‌ଙ୍କର ଦସ୍ତଖତ ଜାଲ୍ କରିଥିଲେ । ଏହି ମାମଲାରେ ବର୍ତ୍ତମାନ ଶ୍ରୀମତୀ ଦାଶ ପାଲଟା ଅଭିଯୋଗ କରିଛନ୍ତି ବର୍ତ୍ତମାନର ସୁପରିଟେଣ୍ଡେଣ୍ଟ । ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ଶ୍ରୀମତୀ ଦାଶ ଯେତେବେଳେ ଜେଲ୍‌ରେ କାର୍ଯ୍ୟରତ ଥିଲେ, ସେହି ସମୟରେ ବହୁ ଦୁର୍ନୀତି କରିଛନ୍ତି । ସିଏ ତାଙ୍କର ଦାୟିତ୍ୱକୁ ବର୍ତ୍ତମାନ ପୋଷ୍ଟିଂ ଥିବା ରଘୁରାଜ ମାଝୀଙ୍କ ହସ୍ତାନ୍ତର କରିନାହାନ୍ତି । କ୍ୟାଣ୍ଟିନ୍ ଟଙ୍କା ଏବଂ କ୍ୟାସ୍‌ବୁକ୍ ବି ହସ୍ତାନ୍ତର କରିନାହାନ୍ତି । ସିଏ ଦାୟିତ୍ୱରେ ଥିବା ସମୟରେ ମନଇଚ୍ଛା ଜେଲ୍‌କୁ ଆସନ୍ତି । ଏହାସହ ଜେଲ୍‌ରେ ଥିବା କଏଦୀଙ୍କୁ ଅସଦାଚରଣ ମଧ୍ୟ କରିଥାନ୍ତି । ଏପିରିକି କିଛି ଦିନ ତଳେ ଜେଲ୍‌ରୁ ଚମ୍ପଟ୍ ମାରିଥିବା ଦୁଇ କଏଦୀଙ୍କ ଫେରାର୍ ପଛରେ ଶ୍ରୀମତୀ ଦାଶଙ୍କ ହାତ ଅଛି ବୋଲି ସେ ଉଲ୍ଲେଖ କରିଛନ୍ତି । ବର୍ତ୍ତମାନ ତାଙ୍କ ପୋଷ୍ଟିଂ ହୋଇଥିବା କଣ୍ଟାବାଞ୍ଜି ସବ୍‌ଜେଲ୍‌କୁ ଯାଇ ସେ କାର୍ଯ୍ୟରେ ଯୋଗଦେଉନାହାନ୍ତି । ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜେଲ୍ ଭିତର ତଥ୍ୟ ଦେଉଥିବା ଅଭିଯୋଗ କରୁଛନ୍ତି । ଅନଲାଇନ୍ ମାଧ୍ୟମରେ ଅଭିଯୋଗ କରିଥିବା ବେଳେ ବର୍ତ୍ତମାନ ତାଙ୍କ ଅଭିଯୋଗ ପତ୍ର ମୋବାଇଲ୍‌କୁ ମୋବାଇଲ୍ ଘୁରି ବୁଲୁଛି । ଯାହା ରହିଛି ୪୪୨ ପୃଷ୍ଠା ରହିଛି । ଯେଉଁଥିରେ ପ୍ରଥମ ୨ ପୃଷ୍ଠା ଅଭିଯୋଗ ପତ୍ର ରହିଥିବା ବେଳେ ଅନ୍ୟ ସମସ୍ତ ପୃଷ୍ଠା ଗୁଡ଼ିକ ଜେଲ୍ ସମ୍ପର୍କିତ ତଥ୍ୟ ରହିଛି ।

## ଦୁଷ୍କର୍ମ ଅଭିଯୁକ୍ତ ଶଳା, ଭିଣେଇଙ୍କୁ ୧୦ ବର୍ଷ ଜେଲ୍ ଓ ୨୦ ହଜାର ଜରିମାନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ଏକ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଘଟଣାର ବିଚାର କରି ଶଳା ଭିଣେଇଙ୍କୁ ୧୦ ବର୍ଷ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଆଉ ଏକ ବର୍ଷ ଜେଲ୍ ଭୋଗିବାକୁ ହେବ । ଘଟଣାରୁ ପ୍ରକାଶ ଯେ, ଜମ୍ବୁ ମେରାଇନ୍ ଥାନା ପେଟଛଲା ଗ୍ରାମର ଜଣେ ମହିଳାଙ୍କୁ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଦୁତିଆଳ ଗ୍ରାମର ଗୌତମ ସାମଲ ଓ ଅଭୟ ରାଉତ (ଅଭିମନ୍ୟୁ) ୧.୭.୨୦୨୪ ଦିନ ୧୦ଟା ସମୟରେ ଘରେ ଏକା ଦେଖି ପ୍ରଥମେ ଗୌତମ ସାମଲ ଦୁଷ୍କର୍ମ କରିବା ପରେ ୧୦ ମିନିଟ୍ ପରେ ଅଭୟ ରାଉତ ପୁନର୍ବାର ତାଙ୍କୁ ଦୁଷ୍କର୍ମ କରିଥିଲେ । ଏନେଇ ମହିଳା ଜଣଙ୍କ ମେରାଇନ ଥାନାରେ ଏତଲା ଦେବାପରେ ଥାନା ଅଧିକାରୀ ୮୯/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲେ । ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ଏସ୍‌ଟି କେସ୍ ନଂ-୨୩୩/୨୪ ମାମଲାର ବିଚାର କରି ବିଚାରପତି ତ୍ରିବିକ୍ରମ କେଶରୀ ଚିନାରା ଉଭୟ ଶଳା ଭିଣେଇଙ୍କୁ ୧୦ ବର୍ଷ ଜେଲ୍‌ରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦାୟ ଆଉ ୧ ବର୍ଷ ଜେଲ୍‌ରେ ରହିବାକୁ ପଡିବ । ଏଥି ସହିତ ପିଡିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୁରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାମଲାକୁ ସରକାରୀ ଓକିଲ ସମର କେଶରୀ ମହାପାତ୍ର ପରିଚାଳନା କରୁଥିଲେ ।

## ମଦ ଦୋକାନକୁ ନେଇ ରାଜନୈତିକ ବିବାଦ:ରାଜସ୍ୱ ହରାଉଛନ୍ତି ସରକାର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ମଦ ବାର୍ ଖୋଲିବା ନେଇ ରାଜନୀତି । ଗୋଟିଏ ଗୋଷ୍ଠୀ ବାର୍ ଖୋଲିବା ସପକ୍ଷରେ ମେଳି କରୁଥିବା ବେଳେ ଆଉ ଏକ ଗୋଷ୍ଠୀ ବାର୍ ପ୍ରତିଷ୍ଠାକୁ ବିରୋଧ କରି ଏହା ବିରୁଦ୍ଧରେ ଜନମତ ସୃଷ୍ଟି କରିବାରେ ଲାଗିପଡିଛନ୍ତି । ତେବେ ଏହି ରାଜନୈତିକ ଟଣା ଓଟରାରେ ମଦ ବାର୍ ଖୋଲୁ କି ନଖୋଲୁ ରାଜ୍ୟ ସରକାର କିନ୍ତୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଅବକାରୀ ରାଜସ୍ୱ ହରାଇ ଚାଲିଛନ୍ତି । ଏଭଳି ଏକ ରାଜନୈତିକ ସମ୍ବେଦନଶୀଳ ଘଟଣା ଖୋଦ୍ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିଜ ନିର୍ବାଚନ ମଣ୍ଡଳୀ ଚାନ୍ଦବାଲି ବ୍ଲକ ପୀରହାଟ ଅଞ୍ଚଳରେ ଦେଖିବାକୁ ମିଳିଛି । ସୂଚନା ଅନୁଯାଇ ଗତ ୨୦୦୮/୨୦୦୯ ବର୍ଷରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ପୀରହାଟ ଅଞ୍ଚଳରେ ଏକ ମଦ ବାର୍ ଖୋଲିବାକୁ ସରକାରୀ ଅନୁମୋଦନ ମିଳିଥିଲା । ଜନୈକ ମଦ ବ୍ୟବସାୟୀ ୫ ବର୍ଷିଆ ଲିଜ୍ ନେଇ ପୀରହାଟ ମଝୀ ବଜାରରେ ଏହି ବାର୍ ଖୋଲିଥିଲେ । ତେବେ ଲିଜ ଅବଧି ଶେଷ ପରେ ଏହି ବାର୍‌କୁ ନିକଟସ୍ଥ ସାହାପୁର ରାସ୍ତା ପାର୍ଶ୍ୱରେ ଥିବା ଅନ୍ୟ ଏକ ଗୃହକୁ ଉଠାଇ ନିଆଯାଇଥିଲା । ତେବେ ନୂତନ ଜାଗାରେ ଏହି ବାର୍ କିଛିଦିନ ଧରି କାର୍ଯ୍ୟକ୍ଷମ ରହିବା ପରେ ସ୍ଥାନୀୟ ମହିଳା ଗୋଷ୍ଠୀଙ୍କ ତୀବ୍ର ବିରୋଧ ଯୋଗୁ ବାର୍‌କୁ ବନ୍ଦ କରିଦେବାକୁ ପଡ଼ିଥିଲା । ପରେ ଲାଇସେନ୍ସ ନେଇଥିବା ମଦ ଦୋକାନୀ ପୀରହାଟ ବଜାର ଛାଡି ପୀରହାଟ ହାଇସ୍କୁଲ ଆଗରେ ଜଣେ ରାଜନୈତିକ ବ୍ୟକ୍ତିଙ୍କ ମାଲିକାନାରେ ଥିବା ଏକ ଜମିରେ ମଦ ବାର୍ ଖୋଲିବାକୁ ପ୍ରକ୍ରିୟା ଆରମ୍ଭ କରିଥିଲେ । ତେବେ ଏହି ପ୍ରସଙ୍ଗକୁ ନେଇ ରାଜନୈତକ ବିରୋଧ ତୀବ୍ରତର ହେବାରୁ ଗତ ୨୦୧୮/୨୦୧୯ ମସିହାରେ ଏହି ମଦ ବାର୍‌କୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆ ଯାଇଥିଲା । ତେବେ ବାର୍ ବନ୍ଦ ସତ୍ତ୍ୱେ ଅବକାରୀ ବିଭାଗ ପକ୍ଷରୁ ଦୋକାନ ଚାଲୁଥିବା ଦର୍ଶାଇ ବ୍ୟବସାୟୀଙ୍କ ଉପରେ ପ୍ରାୟ ୧ କୋଟି ୯୮ ଲକ୍ଷ ଟଙ୍କା ଲାଇସେନ୍ସ ଫି ଭିଡ଼ିଥିଲେ । ପରେ ଏନେଇ ମାମଲା କୋର୍ଟକୁ ଯିବା ପରେ କୋର୍ଟଙ୍କ ହସ୍ତକ୍ଷେପରେ ଏହି ଅର୍ଥ ଛାଡ଼ କରାଯାଇଥିବା ବେଳେ ପୂର୍ବ ସ୍ଥାନରେ ମଦ ବାର୍ ଖୋଲିବାକୁ ସ୍ୱୀକୃତି ପ୍ରଦାନ କରିଥିଲେ । ତେବେ ମଦ ବାର୍ ଖୋଲିବା କ୍ଷେତ୍ରରେ ଥିବା ଆଇନ୍ ଗତ ସଙ୍କଟ ଟଳିବା ସତ୍ତ୍ୱେ ବାର୍ ଖୋଲିବାକୁ ନେଇ ଏବେ ସ୍ଥାନୀୟ ରାଜନୀତି ଜୋର୍ ଧରିଛି । ଗୋଟିଏ ଗୋଷ୍ଠୀ ଚିରାଚରିତ ଢଙ୍ଗରେ ଏଠାରେ ମଦ ବାର୍ ଖୋଲିଲେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଉପୁଜିବା ସହିତ ଗ୍ରାମୀଣ ଜୀବନ ଉପରେ ଏହା କୁପ୍ରଭାବ ପକାଇବ ଦର୍ଶାଇ ଏହାକୁ ଜୋରଦାର୍ ବିରୋଧ ଆରମ୍ଭ କରିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଗାଁ ଗହଳରେ ବଢ଼ି ଚାଲିଥିବା ବେଆଇନ୍ ନକଲି ବିଷାକ୍ତ ମଦ କାରବାରକୁ ରୋକିବା ପାଇଁ ହେଲେ ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ଖୋଲିବା ନିତ୍ୟାନ୍ତ ଜରୁରୀ ବୋଲି ଦାବି କରିଛନ୍ତି । ସେମାନଙ୍କ ଯୁକ୍ତି ହେଲା ଯେଉଁଠି ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ରହିଛି ସେଠାରେ ବିଷାକ୍ତ ମଦମୃତ୍ୟୁ ଭଳି ଘଟଣା ଘଟିନାହିଁ । ତାଛଡ଼ା ସରକାର ଏଥିରୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଅବକାରୀ ରାଜସ୍ୱ ମଧ୍ୟ ପାଇବେ । ତେବେ କିଛି ନ୍ୟସ୍ତ ସ୍ୱାର୍ଥବାଦୀ ଲୋକେ ସେମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏଠାରେ ସରକାରୀ ମଦବାର ଖୋଲିବାକୁ ବିରୋଧ କରୁଛନ୍ତି । ଏଥିରେ କୌଣସି ଜନସ୍ୱାର୍ଥ ଜଡିତ ନାହିଁ ବୋଲି ସେମାନେ ଦାବି କରିଛନ୍ତି । ତେଣେ ବିଭାଗୀୟ ଅଧିକ୍ଷକ କହିଛନ୍ତି ଏହି ପ୍ରସଙ୍ଗରେ କୋର୍ଟଙ୍କ ଆଦେଶ ପାଳନ କରାଯିବ ।



## ଦୁଇ ଶିଶୁକନ୍ୟାଙ୍କୁ ଜନ୍ମଦେଇ ଆଖି ବୁଜିଲେ ମା':ସହଯୋଗର ହାତ ବଢ଼େଇଲା ପିପିପି ଟ୍ରଷ୍ଟ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଦୁଇ ଶିଶୁକନ୍ୟାଙ୍କୁ ଜନ୍ମଦେଇ ଆରପାରିରେ ମା' ସଂଜିତା ବେଷ୍ଟକାର ଓ ଏଭଳି ଅଭାବନୀୟ ଘଟଣା ଘଟିଛି ବାରିପଦା ନିକଟସ୍ଥ ଉଠାଣିନୂଆଗାଁ ଗ୍ରାମ ନିବାସୀ ସିପୁ ବେଷ୍ଟକାରଙ୍କ ପରିବାରରେ । ଓପିଆର୍‌ଏମ୍ ଡାକ୍ତରଖାନାରେ ସଂଜିତା ଦୁଇ ଶିଶୁକନ୍ୟାଙ୍କୁ ଜନ୍ମଦେବା ପରେ ଅସୁସ୍ଥ ହୋଇପଡ଼ିଥିଲେ । ରକ୍ତର ଆବଶ୍ୟକତା ପଡିବାରୁ ସମାଜସେବା ଅରବିନ୍ଦ ମୁଖି ଖବରପାଇ ତୁରନ୍ତ ୨ ଜଣ ରକ୍ତଦାତା ଯୋଗାଡ଼ କରିଥିଲେ । ମାତ୍ର ଅବସ୍ଥା ଆହୁରି ଗୁରୁତର ହେବାରୁ ସିପୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଘରୋଇ ଚିକିତ୍ସାଳୟକୁ ନେଇଗଲେ ଓ ସେଠାରେ ପୁଣି ରକ୍ତର ଆବଶ୍ୟକତା ପଡିବାରୁ ପିପିପି ଟ୍ରଷ୍ଟର ଅଧ୍ୟକ୍ଷ ଡଃ ଅକ୍ଷୟ ମହାନ୍ତି ଆଉ ଦୁଇ ୟୁନିଟ୍ ରକ୍ତର ବ୍ୟବସ୍ଥା କରାଇଥିଲେ । ସମସ୍ତ ଚେଷ୍ଟା ସତ୍ତ୍ୱେ ଶେଷରେ ଆଖିବୁଜିଲେ ମା' ସଂଜିତା । ଗାଁରେ ଶେଷକୃତ୍ୟ ସମ୍ପନ୍ନ ହେଲା । ଖବରପାଇ ଡଃ ମହାନ୍ତିଙ୍କ ସମେତ ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ସର୍ଦ୍ଦାର ହରିଚରଣ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ, ସଂଜୀବ କୁମାର ସାହୁ, ଅରବିନ୍ଦ ମୁଖି ଓ ଭରତ ଚନ୍ଦ୍ର ପାତ୍ର ତାଙ୍କ ଗ୍ରାମରେ ପହଞ୍ଚି ପିପିପି ଟ୍ରଷ୍ଟ ତରଫରୁ ୫ ହଜାର ଟଙ୍କାର ଚେକ୍ ସହ ୧ ହଜାର ଟଙ୍କା ନଗଦ ରାଶି ଓ ଶିଶୁ ଖାଦ୍ୟ ସିପୁଙ୍କୁ ପ୍ରଦାନ କରିଥିଲେ । ପ୍ରକାଶଥାଉକି ସିପୁଙ୍କର ୧୦ ବର୍ଷର ଓ ୭ ବର୍ଷର ଦୁଇ ଝିଅ ସହ ପିତାମାତା ମଧ୍ୟ ଅଛନ୍ତି ଓ ସେ ଏକ ହୋଟେଲ୍‌ରେ ନିମ୍ନ ମଜୁରୀରେ କାମକରି ପରିବାର ପ୍ରତିପୋଷଣ କରନ୍ତି । ପରବର୍ତ୍ତୀ ସମୟରେ ପରିବାରକୁ ସାହାଯ୍ୟ କରିବା ପ୍ରୟାସ ଜାରିରହିବ ବୋଲି ସମାଜସେବୀମାନେ ପ୍ରକାଶ କରିଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୬ ବୃ / ୫ | ୪ | ଶ ୩ / ଚ ରା ୨ |
| ୭ | ୨୪ / ୧୧ | ବୁ ର ଶୁ ମ ଲ |
| ୮ କେ / ୯ | ୧୦ | ୧୨ / ୧୧ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୨।୧।୨୦୨୬, ମାଘ ଦି୯ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୬।୨୫।୩୮ ଚନ୍ଦ୍ରୋଦୟ- ଦିଘ ୮।୪୩।୦୯**

**ଚତୁର୍ଥୀ-** ରାଘ ୨।୨୯ ପର୍ଯ୍ୟନ୍ତ । **ଶତଭିଷା ନକ୍ଷତ୍ର-** ଦିଘ ୨।୨୮ ପର୍ଯ୍ୟନ୍ତ **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୨।୨୯ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ଘ ୬।୨୮ ଗତେ ଦିଘ ୭।୫୬ ମଧ୍ୟେ । ଦିଘ ୧୦।୫୪ ଗତେ ଦିଘ ୧।୦୬ ମଧ୍ୟେ । **ପର୍ବୋତ୍ସବ-** ବରଦା ଚତୁର୍ଥୀ, ବିନାୟକ ଚତୁର୍ଥୀ, ଗୌରୀ ଗଣେଶ ଚତୁର୍ଥୀ ।

**ମେଷ:** ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ । ଦେହ ଓ ମନ ଭଲ ରହିବ । ଦେବ ଦର୍ଶନ ସହ ଶୁଭ କାର୍ଯ୍ୟ ମଧ୍ୟ କରିପାରନ୍ତି । ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ ।

**ବୃଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ନୂତନ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଚିନ୍ତା କରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖଶାନ୍ତିରେ ଅତିବାହିତ ହେବାର ସୂଚନା ।

**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଅସନ୍ତୋଷ ଦେଖାଦେବ । ମହିଳାମାନେ ଗର୍ବୀ ହେବେ ।

**କର୍କଟ:** ସତ କଥା କହି ବନ୍ଧୁଙ୍କ ପାଖରେ ବିରୋଧି ହୋଇପାରନ୍ତି । ଦାମ୍ପତ୍ୟ ଜୀବନରେ କଳହ ଦେଖାଦେଇପାରେ । ମନ ଅସ୍ଥିର ରହିବ । ଆର୍ଥିକ ସ୍ଥିତି ମଧ୍ୟମ ଧରଣର ହେବ । ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ ।

**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ରୋଜଗାର ସ୍ଥିର ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମହିଳାମାନେ ସୁଖୀ ହେବେ । ଭ୍ରମଣ ଯୋଗ ମଧ୍ୟ ରହିପାରେ ।

**କନ୍ୟା:** ସାଧନାରେ ସିଦ୍ଧି ଲାଭ କରିବେ । ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହୋଇପାରେ । ଆୟ ଓ ବ୍ୟୟ ସ୍ଥିର ରହିବ । ଘରେ ଶାନ୍ତି ରହିବ ।

**ତୁଳା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ପରୋପକାରୀ ହେବାର ସୂଚନା । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା ।

**ବିଛା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦାନ ହେବ । ଶରୀର ସୁସ୍ଥ ରହିବ । ଶତ୍ରୁଙ୍କ ଠାରୁ ଦୂରେଇ ରୁହନ୍ତୁ । ଖର୍ଚ୍ଚର ପରିମାଣ ସାମାନ୍ୟ ବଢ଼ିବ । ଘରେ ଶାନ୍ତିର ବାତାବରଣ ରହିବ ।

**ଧନୁ:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଶୁଭ କାର୍ଯ୍ୟ କରିବା ନିମନ୍ତେ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇପାରେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହବ ।

**ମକର:** ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ରୋଜଗାର ଭଲ ହେବ । ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଶରୀରରେ ସାମାନ୍ୟ ପୀଡ଼ା ଅନୁଭବ କରିପାରନ୍ତି ।

**କୁମ୍ଭ:** ଆଜି ଆପରଙ୍କର ଦିନଟି ଆନନ୍ଦଦାୟକ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ଘରେ ଶାନ୍ତିର ପରିସ୍ଥିତି ସୃଷ୍ଟି ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି ।

**ମୀନ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବନାହିଁ । ଏଣୁ ସାବଧାନ ରହିବେ । ଖର୍ଚ୍ଚର ପରିମାଣ ବଢ଼ିବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହୋଇପାରେ । ଘରେ ଅଶାନ୍ତି ଓ ବିଶୃଙ୍ଖଳା ଦେଖାଦେବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୩।୧।୨୦୨୬, ମାଘ ଦି୧୦ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୬।୨୫।୩୧ ଚନ୍ଦ୍ରୋଦୟ- ଦିଘ ୯।୧୮।୨୨**

**ପଞ୍ଚମୀ-** ରାଘ ୧।୪୭ ପର୍ଯ୍ୟନ୍ତ । **ପୂର୍ବଭାଦ୍ର ନକ୍ଷତ୍ର-** ଦିଘ ୨।୩୪ ପର୍ଯ୍ୟନ୍ତ **କୁମ୍ଭ ଚନ୍ଦ୍ର-** ଦିଘ ୮।୩୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ ୮।୩୬ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ଦିଘ ୮।୩୬ ଗତେ ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ରାଘ ୧।୪୭ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୭।୧୩ ମଧ୍ୟେ । ଦିଘ ୧୨।୨୨ ଗତେ ଦିଘ ୨।୩୪ ମଧ୍ୟେ । **ପର୍ବୋତ୍ସବ-** ବସନ୍ତ ପଞ୍ଚମୀ, ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା, ଶ୍ରୀମନ୍ଦିରରେ ରଥକାଠ ଅନୁକୂଳ, ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ, ପରାକ୍ରମ ଦିବସ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# କଶ୍ମୀରରୁ ଦିଲ୍ଲୀ ଯାଏ ବିପଦର ସଙ୍କେତ

ପରିବେଶ ବଦଳିବାକୁ ଲାଗିଛି। କେଉଁଠି ବରଫପାତ ଯୋଗୁଁ ଜୀବନଯାତ୍ରା ଠପ୍ ହୋଇଗଲାଣି ତ କେଉଁଠି ପ୍ରଚଣ୍ଡ ତାତି ବରଫ ତରଳେଇ ବନ୍ୟାରେ ପରିଣତ କଲାଣି। ରୁଷରେ ବରଫପାତ ୧୪୬ ବର୍ଷର ରେକର୍ଡ ଭାଙ୍ଗିଛି। ମସ୍କୋ ଓ ପୂର୍ବ ରୁଷ୍‌ର କେମଚଟକା ପେନିନସୁଲାରେ ବରଫପାତ ଯୋଗୁଁ ଜୀବନ ଠପ୍ ହୋଇ ଯାଇଛି। କିଛି ଦିନରେ ଏତେ ବରଫପାତ ହୋଇଛି, ଯେତିକି ସାଧାରଣତଃ ଅନେକ ମାସରେ ହେଉଥିଲା। ଏପଟେ ଉତ୍ତର-ପୂର୍ବ ଚୀନରେ ବରଫପାତ ଜୀବନର ଗତି ଉପରେ ରୋକ୍ ଲଗାଇ ଦେଇଛି। କିନ୍ତୁ ଯଦି ଭାରତର କଥା କହିବା ତ ଜମ୍ମୁ-କାଶ୍ମୀରର ଉଚ୍ଚ ଅଞ୍ଚଳ ଗୁଡ଼ିକରେ ଯେଉଁଠି ବରଫପାତ ଲୋକଙ୍କୁ ଆକର୍ଷିତ କରୁଛି, ସେଠାରେ ହିମାଳୟ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଏହିଥର ବରଫପାତ ଲୋକଙ୍କୁ ନିରାଶ କରିଛି। ଜାନୁଆରୀର ଦୁଇ ସପ୍ତାହ ବିତି ସାରିଛି, କିନ୍ତୁ ଏବେ ବି ଉତ୍ତରାଖଣ୍ଡରେ ୱିଣ୍ଟର ଟୁରିଜିମର ରାଜଧାନୀ କୁହାଯାଉ ଥିବା ଓଲି ବରଫପାତ ପାଇଁ ବ୍ୟାକୁଳ ହୋଇଛି। ସେପଟେ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ କୁହାଯାଉ ଥିବା ନୈନିତାଲରେ ମଧ ମରୁଡ଼ିର ବିପଦ ଘନେଇଛି।

ବରଫପାତ ହେବା କାରଣରୁ ପର୍ଯ୍ୟଟକମାନେ ଓଲି କି ନୈନିତାଲ କେଉଁଠି କି ଯିବାକୁ ପସନ୍ଦ କରୁ ନାହାନ୍ତି। କେବଳ ଏତିକି ନୁହେଁ, ଉତ୍ତରାଖଣ୍ଡର ପାହାଡ଼ିଆ ଅଞ୍ଚଳରେ ପ୍ରସିଦ୍ଧ ରୋଡୋଡେଣ୍ଡ୍ରନ ଗଛର ଏବେ ବି ଫୁଲର ରଙ୍ଗ ଲାଲ୍ ଦେଖା ଯାଉଛି। ଯାହାକି ଦେଖିବାରେ ତ ଖୁବ୍ ସୁନ୍ଦର, କିନ୍ତୁ ବୈଜ୍ଞାନିକ ଦୃଷ୍ଟିକୋଣରେ ଏହା ଶୁଭ ସଙ୍କେତ। ରୋଡୋଡେଣ୍ଡ୍ରନ ଉତ୍ତରାଖଣ୍ଡର ରାଜ୍ୟ ପୁଷ୍ପ। ଏହାର ଉଚ୍ଚତା ଓ ପାଣିପାଗ ଉପରେ ନିର୍ଭର କରି ଏଥିରେ ଫୁଲ ଫୁଟି ଥାଏ। ବାସ୍ତବିକ ଏହି ଫୁଲ ବିଳମ୍ବିତ ଫେବ୍ରୁଆରୀରେ ଫୁଟିବା ଆରମ୍ଭ ହୋଇଥାଏ, ଯେତେବେଳେ ତାପମାତ୍ରା ବଢିବାକୁ ଲାଗେ। ଏଣୁ ରୋଡୋଡେଣ୍ଡ୍ରନ ଗଛର ଫୁଲ ଜାନୁଆରୀରେ ଫୁଟିବା ଅର୍ଥ ତାପମାତ୍ରା ବୃଦ୍ଧିର ସଙ୍କେତ। ଏହାର ଅର୍ଥ ବରଫପାତ ସିଜନରେ ଏହି ଗୁଡ଼ିକରେ ଫୁଲ ଫୁଟିବା ହେଉଛି ଏକ ଚେତାବନୀ। କେବଳ ଏତିକି ନୁହେଁ, ଯେଉଁ ପାହାଡ଼ ଗୁଡ଼ିକ ବରଫାଚ୍ଛାଦିତ ହେବା ଉଚିତ ଥିଲା, ସେଠାରେ ଜଙ୍ଗଲରେ ନିଆଁ ଲାଗିବାର ଘଟଣା ବି ସାମ୍ନାକୁ ଆସିବାରେ ଲାଗିଛି। ଶନିବାର ଚାଇ ଗାଁରେ ଜ୍ୟୋତିର୍ମଠ ନିକଟରେ ପାହାଡ଼ୀ ଜଙ୍ଗଲରେ ନିଆଁ ଦେଖାଯାଇଛି। ସେଠାରେ ତିନି ଦିନ ପୂର୍ବେ ଫୁଲର ଘାଟୀ ଅଞ୍ଚଳରେ ବଦ୍ରିନାଥ ନିକଟରେ ମଧ ଜଙ୍ଗଲ ଗୁଡ଼ିକରେ ଅଗ୍ନିକାଣ୍ଡର ଘଟଣା ଘଟିଛି। ଯେଉଁ ପାହାଡ଼ ସାଧାରଣତଃ ଜାନୁଆରୀରେ ବରଫାଚ୍ଛାଦିତ ରହୁଥିଲା, ସେଠାରେ ନିଆଁର ଆସ୍ତରଣ ଓ ଧୂଆଁ ଦେଖା ଦେଇଛି।

# ସବୁଆଡେ ମାନ୍ଦାରୁ ମାନ୍ଦାବସ୍ଥା



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ମଣିଷ ହୁଅନ୍ତୁ କି ଜୀବଜନ୍ତୁ – ଯେତେବେଳେ ଗତିଚ୍ୟୁତି ହେବେ – ସେତେବେଳେ ଛନ୍ଦ ହରାଇଦେବେ । ଗତିଶୀଳତାରେ ନାହାଁନ୍ତି ତ ଛନ୍ଦ ହଜାଇଛନ୍ତି । ଛନ୍ଦ ବଦଳରେ ତା'ପରେ ସବୁ ମନ୍ଦ । ଏ ମନ୍ଦରୁ ମାନ୍ଦା । ଏ ମାନ୍ଦାରୁ ମାନ୍ଦାବସ୍ଥା। ମାନଚିତ୍ରରୁ ଆରମ୍ଭକରି ମଇଦାନ ପର୍ଯ୍ୟନ୍ତ । ପ୍ରଗତି କେବଳ ପୋଷ୍ଟର – ପ୍ରତିଦିନ ପ୍ରହସନ ।

ଏଇ ଗତିଚ୍ୟୁତି ସମ୍ପର୍କରେ ରାମାୟଣର ପଦେକଥା କହୁଛି । ଶ୍ରୀରାମଚନ୍ଦ୍ର ସେତୁବନ୍ଧ ବାନ୍ଧି ସୀତାଙ୍କୁ ଉଦ୍ଧାର କରିବେ । ସେତୁବନ୍ଧ ବନ୍ଧା ହେଲା । ପ୍ରତିଷ୍ଠା ହେବ । ସେତେବେଳେ ସବୁଠୁ ଶ୍ରେଷ୍ଠ ବ୍ରାହ୍ମଣ ଖୋଜାଗଲା । ଜଣାଗଲା ଯେ – ଏ ତ୍ରେତୟାଯୁଗରେ ଶ୍ରେଷ୍ଠ ବ୍ରାହ୍ମଣ, ଜ୍ଞାନୀ ହେଉଛନ୍ତି – ଲଙ୍କାଧିପତି ରାବଣ । ଶ୍ରୀରାମ ରାବଣ ବଧକରି ମା' ସୀତାଙ୍କୁ ଉଦ୍ଧାର କରିବେ । ସେହି ଶତ୍ରୁ ରାବଣଙ୍କୁ ସେତୁବନ୍ଧ ପ୍ରତିଷ୍ଠାରେ ପୂଜାପାଠ କରିବାକୁ ନିମନ୍ତ୍ରଣ କଲେ । ରାବଣ ରାଜି ହେଲେ । ଏଠାରେ ଉଭୟଙ୍କ ମହାନତା ଅତୁଳନୀୟ । ରାବଣ ଆସିଲେ । ଯଥାରିତିରେ ପୂଜା ସମ୍ପନ୍ନ ହେଲା। ଶେଷରେ ଶ୍ରୀରାମ ରାବଣଙ୍କୁ କିଛି ରାଜନୀତି ଶିକ୍ଷା ପାଇବା ପାଇଁ ଅନୁରୋଧ କଲେ । ରାବଣ କହିଲେ – ଯେଉଁଟି ଠିକ୍, ସତ୍ୟ – ତାହାକୁ ଚଟାପଟ କର । ବିଳମ୍ବ କରନା । ଯେଉଁଠି ବେଠିକ୍ ଲାଗୁଛି – ତାହା ଭାବିଚିନ୍ତି କର । ବଡଥିଲେ ପଚାରି ଛୋଟ ଥିଲେ ବିଚାରି – କାର୍ଯ୍ୟ କଲେ ବିପଦ ନ ପଡଇ ଭଲେ । ଶ୍ରୀରାମ କହିଲେ – ଆଜ୍ଞା ! ଟିକେ ବୁଝେଇ କୁହନ୍ତୁ । ମହାଜ୍ଞାନୀ, ଶ୍ରେଷ୍ଠ ବ୍ରାହ୍ମଣ ରାବଣ କହିଲେ – ମୁଁ ସ୍ୱର୍ଣ୍ଣଲଙ୍କାରେ ଅଧିପତି । ଇଚ୍ଛାଥିଲା – ଲଙ୍କାକୁ ସୁନାରେ ଛାଉଣି କରିଦେବି । ସେ କ୍ଷମତା ମୋର ଥିଲା – କିନ୍ତୁ କରିବି – କରିବି ବୋଲି ହେଳା କରିଦେଲି । ଆଜି ମୁଁ ତୁମ ହାତରେ ମରିବାକୁ ଯାଉଛି ।

ଦ୍ୱିତୀୟରେ ହେଲା – ତୁମ ସାନଭାଇ ଲକ୍ଷ୍ମଣ ମୋ ଭଉଣୀ ସୂର୍ପନେଖାର ନାକ କାଟିଦେଲେ । ମୁଁ ରାଗିଗଲି । ନାରୀ ନିର୍ଯାତନା ସହ୍ୟ କରିନପାରି କୂଟକପଟ କରି ତୁମ ପତ୍ନୀ ସୀତାଙ୍କୁ ହରଣ କରିଆଣିଲି ତୁମ ଭାଇ ଆଉ ତୁମକୁ ମାରିବାର ଥିଲା । ରାଗରେ ତୁମ ପତ୍ନୀକୁ ହରଣ କଲି । ରାଗ ବ୍ରହ୍ମଚଣ୍ଡାଳ । ରାଗକ୍ରୋଧବେଳେ ନିଷ୍ପତ୍ତି ମଧ ଭୁଲ ହୋଇପାରେ । ସେହି ଅବସ୍ଥା ହେଲା । ଭୁଲ ନିଷ୍ପତ୍ତିରେ ଆଜି ମୋ ସ୍ୱର୍ଣ୍ଣ ଲଙ୍କା ଧ୍ୱଂସ ହେବାକୁ ଯାଉଛି – ମୁଁ ତୁମ ହାତରେ ମରିବାକୁ ଯାଉଛି । ତେଣୁ ଭଲକାମ ଚଟାପଟ କର, ଖରାପ କାମ ଭାବିଚିନ୍ତି, ବୁଝିବିଚାରି – ସମୟ ନେଇ କାର୍ଯ୍ୟ କର । ଏଇ ଶିକ୍ଷାରୁ ଆମେ କ'ଣ ଶିଖିଲେ – ଭଲ କାମକୁ ଆମେ ହେଳା କରୁଛେ – ଖରାପ କାମକୁ ଚଟାପଟ କରୁଛେ । ଯାହାଫଳରେ ସବୁ ଅଘଟଣ ଘଟୁଛି । ଆମ ଗତିବିଚ୍ୟୁତି ପାଇଁ ଆମେ ମାନ୍ଦା କେବଳ ନୁହେଁ ମାଦଳ ହୋଇଯାଉଛେ ।

ସାରା ବିଶ୍ୱରେ ୨୦୦୮ରୁ ଅର୍ଥନୈତିକ ମାନ୍ଦାବସ୍ଥା ଆଜିବି ସୁଧୁରିନାହିଁ ଏଇ ମାନ୍ଦାବସ୍ଥା ଫଳରେ ଅର୍ଥନୀତି ଏକ ଆତଙ୍କବାଦରେ ପରିଣତ ହୋଇଯାଇଛି । ଆମ ଅର୍ଥନୀତି କେବଳ ନୁହେଁ ବିଶ୍ୱ ଅର୍ଥନୀତି ଘୁଷୁଡି ଘୁଷୁଡି ଚାଲୁଥିଲା – କୋଭିଡ୍-୧୯ରେ ଛୋଟା ହେଇଗଲା । ଛୋଟା ଗୋଡକୁ ଠିକ୍‌ଠାକ୍ କରି ସିଧା ଚାଲିବା କି ଦୌଡିବା ଏତେ ସହଜ ନୁହେଁ। କେବଳ ଅର୍ଥନୀତିରେ ମାନ୍ଦାବସ୍ଥା ନୁହେଁ – ରାଜନୀତିରେ ମଧ ଗତିବିଚ୍ୟୁତି ଘଟିଛି । ସାରା ବିଶ୍ୱରେ ପ୍ରାୟ ସବୁଦେଶରେ ସେମିତି ଉପଯୁକ୍ତ ନେତା ନଥିବାରୁ ରାଜନୀତି ଭୂଲ ରାସ୍ତାରେ ଯାଇ ଛନ୍ଦ ହରାଇଛି । ରାଜନୈତିକ ନେତାମାନଙ୍କର ଆତ୍ମସ୍ୱାର୍ଥ, ଅହଂକାର, ଗର୍ବ, କ୍ଷମତା ନିଶା ସେମାନଙ୍କୁ ପାଗଳ କରିଦେଇଛି । ଜଣେ ଶିଶୁ ହାତରେ ବନ୍ଧୁକ ପଡିଲେ ସେ ଅପବ୍ୟବହାର କରିବ ନିଶ୍ଚୟ। ବିଶ୍ୱରେ ଯୁଦ୍ଧଖୋର ନେତା ଶିଶୁ ଭଳି ଆଚରଣ କରିଚାଲିଛନ୍ତି । କ୍ଷେତ୍ର ଦଖଲ ପାଇଁ ଭୟଙ୍କର ଯୁଦ୍ଧ, ଗୃହଯୁଦ୍ଧ ଲାଗିରହିଛି । ପୁଣି ଧର୍ମାନ୍ଧ ରାଜନୈତିକ ବ୍ୟକ୍ତିମାନେ ଦଙ୍ଗା, ହଣାକଟା ଘଟାଇ ସାରା ବିଶ୍ୱକୁ ଥରହର କରୁଛନ୍ତି । ଆମ ଭାରତ ମଧ ଏଥିରୁ ବାଦ୍ ଯିବ କେମିତି ?

ଏବେ ସାରା ବିଶ୍ୱ ୧୩୭ ବର୍ଷ ତଳକୁ ଫେରିଆସୁଛି । ସଂପ୍ରତି କର୍ଣ୍ଣାଟକ ପରେ ତାମିଲନାଡୁ ୧୯୪୮ କାରଖାନା ଆଇନ୍‌କୁ ସଂଶୋଧନ କରି ୧୨ ଘଣ୍ଟିଆ କାର୍ଯ୍ୟଦିବସ ପ୍ରଚଳନ କରି ବିଶ୍ୱବଜାରରେ ପ୍ରବେଶ କରିବାକୁ ମସୁଧା କରିଛନ୍ତି । ୧୩୭ ବର୍ଷର ୧୮୮୬ ମସିହା ମେ' ପହିଲା ଘଟଣା ମନେପକାଇଦେଉଛି । ମେ' ପହିଲା ପୂର୍ବରୁ ଶ୍ରମିକମାନେ ୧୨ ଘଂଟାରୁ ୧୮ ଘଂଟା ହାଡଭଙ୍ଗା ଖଟଣି ଖଟୁଥିଲେ । ଶ୍ରମଦିବସ ୮ ଘଂଟା ଦାବିରେ ଆମେରିକାରେ ଶ୍ରମିକମାନେ ସଂଘର୍ଷ କରି ରକ୍ତରବନ୍ୟା ବୁହାଇଦେଇଥିଲେ । ମାଲିକଶ୍ରେଣୀ ବାଧ୍ୟହୋଇ ଦୈନିକ ୮ ଘଂଟା ଶ୍ରମଦିବସକୁ ମାନିନେଇଥିଲେ । ସେଇଦିନଠାରୁ ସାରାବିଶ୍ୱର ସବୁଦେଶରେ ଶ୍ରମଦିବସ ୮ ଘଂଟା ପ୍ରଚଳିତ ହୋଇଆସୁଛି । ଏହି ୧୩୭ ବର୍ଷ ମଧ୍ୟରେ ପୃଥିବୀର କେତେ ନଦୀରେ କେତେ ଜଳ ବୋହିଗଲାଣି । ଦେଶେ ଦେଶେ କେତେଯେ ମୌସୁମୀବାୟୁ ପ୍ରବାହିତ ହୋଇଗଲାଣି ଏବଂ ଶ୍ରମିକ ଓ ମାଲିକ ମଧ୍ୟରେ କେତେଯେ ତ୍ୟାଗପୂତ ଲଢେଇ, ରକ୍ତକ୍ଷୟୀ ସଂଗ୍ରାମ ହୋଇଯାଇଛି ତାହାର ପଟାନ୍ତର ନାହିଁ । ଆଜି ମଧ ପୁଞ୍ଜିପତିଶ୍ରେଣୀ ଓ ସାମ୍ରାଜ୍ୟବାଦୀ ଶାସନର ଯଜ୍ଞବେଦୀରେ ଲକ୍ଷ ଲକ୍ଷ ଶ୍ରମିକକୃଷକ ଓ ଖଟିଖିଆ ମଣିଷ ବଳିପଡୁଛନ୍ତି । ସେଦିନ ଓ ଆଜି ମଧ୍ୟରେ କେତେ ତଫାତ୍ ସମଗ୍ର ବିଶ୍ୱର ପରିସ୍ଥିତି ଦିନକୁ ଦିନ ଜଟିଳ ଆଡକୁ ଗତିକରୁଛି । ଆଜି ଶ୍ରମଜୀବୀଶ୍ରେଣୀ ପ୍ରତିଦିନ ରକ୍ତନଦୀ ବୁହାଇଦେଉଥିଲେ ମଧ ସାମାନ୍ୟତମ ଦାବୀପୂରଣ ହେବା ଅସମ୍ଭବ ହୋଇପଡିଛି। ଶ୍ରମିକଶ୍ରେଣୀ ରାଷ୍ଟ୍ରର ଅଧପତନ ହେବା ସଂଗେ ସଂଗେ ମାନବଶକ୍ତି ବଦଳରେ ଦାନବଶକ୍ତି, ଯନ୍ତ୍ରଶକ୍ତିର ବ୍ୟବହାର ବହୁଳ ଭାବେ ଦେଖାଦେଇଛି । ଏବେ ବିଶ୍ୱ ଶ୍ରମିକଶ୍ରେଣୀ ଘୋର ସଂକଟରେ । ଚାରିପଟର ଚିତ୍ରରେ କର୍ଦ୍ଦମାକ୍ତ କଳଙ୍କର କାଳିମା ।

ନିଜକୁ କମ୍ୟୁନିଷ୍ଟ ବୋଲାଉଥିବା ପୁଞ୍ଜିବାଦୀ, ସାମ୍ରାଜ୍ୟବାଦୀ ଚିନ୍ ଦେଶ ଲାଭରଲୋଭରେ ପଡି ସକାଳ ୯ରୁ ରାତି ୯ଟା ୧୨ ଘଂଟା ଶ୍ରମଦିବସ ଆରମ୍ଭ କଲା। ଏବେ ଭାରତ ଚୀନ୍‌ର ପଦାଙ୍କଅନୁସରଣ କରିବାକୁ ଯାଉଛି । ପୂର୍ବରୁ ସପ୍ତାହରେ ୪୮ ଘଂଟା କାର୍ଯ୍ୟ କରିବାର ନିୟମ ଥିଲେ ବି ବିଦେଶୀ କମ୍ପାନୀ ଚାପରେ ଇଲେକ୍‌ଟ୍ରିକ୍ ଯାନ, ସୋଲାର ପାୱାର ଇକ୍ୟୁପ୍‌ମେଂଟ ବ୍ୟାପକ ଆବଶ୍ୟକତାକୁ ଆଖିଆଗରେ ରଖି ଭିଏତ୍‌ନାମ, ଇଣ୍ଡୋନେସିଆ, ଥାଇଲାଣ୍ଡ ସହ ପ୍ରତିଯୋଗିତା କରିବା ଲକ୍ଷ୍ୟରେ ଶ୍ରମିକମାନଙ୍କ ଶକ୍ତି ବାହାରେ କାର୍ଯ୍ୟ କରିବାକୁ ଯାଉଛନ୍ତି । ଏହା ଫଳରେ ମାଲିକମାନେ ଅସଂଗଠିତ ଠିକାଶ୍ରମିକମାନଙ୍କୁ ପାଶବିକ ଶୋଷଣର ଦ୍ୱାରଦେଶକୁ ଠେଲି ଦେଉଛନ୍ତି । ସ୍ଥାୟୀ ଶ୍ରମିକମାନେ ୧୨ ଘଂଟା କାମକରି ଓଭରଟାଇମ୍, ପେଡ୍ ଲିଭ୍, ସିକ୍ ଲିଭ୍ ବେନିଫିଟ୍ ପାଉଥିଲାବେଳେ କୋଟି କୋଟି ଅସଂଗଠିତ ଶ୍ରମିକମାନଙ୍କୁ ଠକିଦେଇ ଲାଭରପାହାଡ ସୃଷ୍ଟିକରିବା ମସୁଧାରେ ଅଛନ୍ତି। ମାଲିକମାନଙ୍କର କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନର ନିଶା ଶ୍ରମିକଶ୍ରେଣୀ ପ୍ରତି ବିପଦ ଡାକିଆଣୁଛି । କର୍ଣ୍ଣାଟକ, ତାମିଲନାଡୁ ପରେ ଭାରତର ଅନ୍ୟ ରାଜ୍ୟକୁ ଏ ରୋଗ ବ୍ୟାପିବ ।

ଆଜି ବି ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ଗତିବିଚ୍ୟୁତି ଘଟିଛି । ସାଂସ୍କୃତିକ ଅବକ୍ଷୟ ଯୋଗୁ ଆମେ ପଛୁଆ ହୋଇଯାଇଛେ । ଆମ ଗତି ଆଗକୁ ନଯାଇ ପଛକୁ ପଛକୁ ଫେରୁଛି । ଏହି ବିଡମ୍ବନା ତାଳରୁ ତଳିପା ପର୍ଯ୍ୟନ୍ତ ଗୋଟିଏ ମାରାତ୍ମକ ସଂକ୍ରାମକ ବ୍ୟାଧି ଭଳି ବ୍ୟାପିଗଲାଣି । ଗୋଟିଏ ଭୟଙ୍କର ଅସାଧୁତାର ସୌଦାଗରୀ ସାମଗ୍ରୀ ପାଲଟିଗଲାଣି ଆମର ଏ ସାଂସ୍କୃତିକ ଜୀବନ । ଆଗକୁ ଚାହିଁଲେ ଆଲୁଅ – ପଛକୁ ଚାହିଁଲେ ଅନ୍ଧାର । ତା'ହେଲେ ଏ ପୃଥିବୀର ଜୀବଜଗତ ରୋଗ ଆଉ ଭୋକରେ କ'ଣ ମରିଯିବେ ? ଭୋକ ଓ ରୋଗ ଏ ଧରଣୀ ବକ୍ଷରୁ ପୋଛିଦେବାକୁ ବିଜ୍ଞାନ ଏଯାବତ୍ ସେଭଳି ପରମାଣୁ ବୋମା ତିଆରିକରିପାରିନି, ଯାହା ଏ ଦୁଇ ଛୋଟ ଅଥଚ ସବୁଠୁ ବଡ ସାଂଘାତିକ ଶବ୍ଦ ଭୋକ ଓ ରୋଗକୁ ମଣିଷ ଜାତିର ଅଭିଧାନରୁ ମୂଳପୋଛ କରିଦେଇପାରିବ ।

# ନମସ୍ୟ ମାଧବ ଗାଡ଼ଗିଲ



ଡାକ୍ତର ରାଜକିଶୋର ପଣ୍ଡା
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋବାଇଲ ନଂ– ୮୧୪୪୦୪୨୯୯୭

ଗତ ଜାନୁଆରୀ ସାତ ତାରିଖରେ ପ୍ରଫେସର ମାଧବ ଧନଞ୍ଜୟ ଗାଡ଼ଗିଲଙ୍କର ତେୟାଅଶି ବର୍ଷ ବୟସରେ ପରଲୋକ ସହିତ ଭାରତ ତଥା ପୃଥିବୀର ପରିବେଶ ବିଜ୍ଞାନରେ ଏକ ଯୁଗର ଅନ୍ତ ଘଟିଛି। ଆଧୁନିକ ଭାରତୀୟ ପରିବେଶ ବିଜ୍ଞାନର (Ecology) ଜନକ ଭାବେ ପରିଚିତ ମାଧବ ଗାଡ଼ଗିଲ ଜଣେ ବିଶିଷ୍ଟ ପରିବେଶବିତ୍ ହେବା ସହିତ ଏକାଧାରରେ ଜଣେ ଜନପ୍ରିୟ ବିଜ୍ଞାନ ଲେଖକ, ବକ୍ତା, ଶିକ୍ଷାବିତ୍ ଓ ଅନୁଷ୍ଠାନ ନିର୍ମାତା ମଧ ଥିଲେ। ଆଜି ଯେତେବେଳେ ଭାରତ ନିରନ୍ତର ଭାବରେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସହ ଜଳବାୟୁ ପରିବର୍ତ୍ତନ ଭଳି ଗୁରୁତର ସମସ୍ୟା ସହିତ ସଂଘର୍ଷ କରୁଛି, ଗାଡ଼ଗିଲଙ୍କର ଏହି ଦୁଇ କ୍ଷେତ୍ର ପ୍ରତି ଥିବା ଅବଦାନ ଚିରସ୍ମରଣୀୟ ହୋଇ ରହିବ। ଦେଶର ପରିବେଶ ସଂରକ୍ଷଣ ସହିତ ତୃଣମୂଳସ୍ତରରେ ବାସ କରୁଥିବା ସ୍ଥାନୀୟ ଅଧିବାସୀ ବିଶେଷତଃ ଜନଜାତିମାନଙ୍କର ଉନ୍ନତି ପ୍ରତି ସେ ସର୍ବଦା ଯତ୍ନଶୀଳ ରହୁଥିଲେ।

୧୯୪୨ ମସିହା ମେ ମାସ ଚବିଶ ତାରିଖରେ ପୁନେଠାରେ ମାଧବ ଗାଡ଼ଗିଲ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ଧନଞ୍ଜୟ ଗାଡ଼ଗିଲ ଓ ମାତାଙ୍କ ନାମ ଥିଲା ପ୍ରମିଳା ଦେବୀ। ପିତା ଥିଲେ ଭାରତ ପ୍ରସିଦ୍ଧ ଅର୍ଥନୈତିଜ୍ଞ ଓ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ପୁଞ୍ଜି ଆବଣ୍ଟନକୁ ନେଇ ପ୍ରୟୋଗ ହେଉଥିବା "ଗାଡ଼ଗିଲ ସୂତ୍ର"ର ପ୍ରବର୍ତ୍ତକ। କହିବା ବାହୁଲ୍ୟ, ନିଜ ପିତାଙ୍କ ପ୍ରଭାବ ଯୋଗୁଁ ବାଲ୍ୟକାଳରୁ ଏକ ବୌଦ୍ଧିକ ପରିବେଶରେ ମାଧବ ଗାଡ଼ଗିଲ ପ୍ରତିପାଳିତ ହୋଇଥିଲେ। କିନ୍ତୁ ପିତାଙ୍କ ଭଳି ଅର୍ଥନୀତିର ଜଟିଳତାରେ ନିଜର ଭବିଷ୍ୟତ ନ ଗଢ଼ି ସେ ଅଧ୍ୟୟନ କରିଥିଲେ ପ୍ରକୃତିର ନିୟମକୁ, ଏହାର ସଂରକ୍ଷଣକୁ ଓ ଜୈବବିବିଧତା (Biodiversity) ର ରହସ୍ୟକୁ, ଯାହା ତାଙ୍କୁ ଗଢ଼ି ତୋଳିଥିଲା ଭାରତର ଅନ୍ୟତମ ବିଶିଷ୍ଟ ଜୈବବିଜ୍ଞାନୀ ଭାବରେ।

ହାଭାର୍ଡ଼ ବିଶ୍ୱବିଦ୍ୟାଳୟରେ ନିଜର ଗବେଷଣା କାର୍ଯ୍ୟ ଓ ଡକ୍ଟରେଟ୍ ଡିଗ୍ରୀ ହାସଲ, ସେ ବିଶ୍ୱବିଖ୍ୟାତ ଜୀବବିଜ୍ଞାନୀ ଇ.ଓ.ୱିଲ୍‌ସନ୍‌ଙ୍କ ତତ୍ତ୍ୱାବଧାନରେ କରିଥିଲେ। ବୈଜ୍ଞାନିକ ୱିଲ୍‌ସନ୍‌ଙ୍କ ବିଷୟରେ କିଛି ତଥ୍ୟ ଏଠାରେ ଉପସ୍ଥାପନ କରିବା ମୁଁ ଆବଶ୍ୟକ ମନେ କରୁଛି। ଡାରୱିନ୍‌ଙ୍କ କ୍ରମବିବର୍ତ୍ତନ ମତବାଦକୁ ଆଗେଇ ନେବାରେ ୱିଲ୍‌ସନ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜୀବବିଜ୍ଞାନର ଦୁଇଗୋଟି ବିଶିଷ୍ଟ ବିଭାଗର ସେ ଅୟମାରମ୍ଭ କରିଥିଲେ। ଗୋଟିଏ ହେଉଛି ଜୈବବିବିଧତା ଓ ଅନ୍ୟଟି ହେଉଛି ସୋସିଓବାୟୋଲୋଜି। ଏହି ସୋସିଓବାୟୋଲୋଜି ମୁଖ୍ୟତଃ ଜୀବଜଗତର ସାମାଜିକ ବ୍ୟବହାର ଓ ଏହାର କ୍ରମବିବର୍ତ୍ତନ ମଧ୍ୟରେ ସମ୍ପର୍କକୁ ପରିପୁଷ୍ଟ କରିଥାଏ। ଏଥିପାଇଁ ଯଥାର୍ଥରେ ୱିଲ୍‌ସନ୍‌ଙ୍କୁ କୁହାଯାଇଥାଏ "ଆଧୁନିକ ଡାରୱିନ" ବା "ଡାରୱିନ୍‌ଙ୍କ ଦାୟାଦ"। ଏହିପରି ଜଣେ ବିଚକ୍ଷଣ ଜୀବବିଜ୍ଞାନୀଙ୍କ ଅଧିନରେ ଗବେଷଣା କରିବା, ଗାଡ଼ଗିଲଙ୍କର ଭବିଷ୍ୟତ ଜୀବନ ପାଇଁ ସୃଷ୍ଟି କରିଥିଲା ଏକ ଶକ୍ତ ମୂଳଦୁଆ।



ଦେଶ ପ୍ରତି ପ୍ରଫେସର ଗାଡ଼ଗିଲଙ୍କର ପ୍ରମୁଖ ଅବଦାନ ହେଉଛି, ପରିବେଶ ବିଜ୍ଞାନ କେନ୍ଦ୍ର (Centre for Ecological Sciences)ର ସ୍ଥାପନା। ଏହାକୁ ୧୯୮୩ ମସିହାରେ ସେ ବାଙ୍ଗାଲୋରଠାରେ ଥିବା ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (IISc) ପରିସରରେ ପ୍ରତିଷ୍ଠା କରିଥିଲେ। ଉପରୋକ୍ତ ଗବେଷଣା ସଂସ୍ଥାଟି ଗାଡ଼ଗିଲଙ୍କ ତତ୍ତ୍ୱାବଧାନରେ ପରିବେଶ ଅଧ୍ୟୟନ, ଏହାର ସଂରକ୍ଷଣ ଓ ଜୈବବିବିଧତା ଉପରେ ଉଲ୍ଲେଖନୀୟ କାର୍ଯ୍ୟ ଭାରତବର୍ଷରେ କରିପାରିଛି।

ସ୍ଥାନୀୟ ଆଦିବାସୀ ଓ ଅନ୍ୟାନ୍ୟ ଜନଜାତିମାନଙ୍କୁ ବଳପୂର୍ବକ ବିତାଡ଼ିତ କରି ଏକ ନିର୍ଦ୍ଦିଷ୍ଟ ଜଙ୍ଗଲ ସ୍ଥାନକୁ ସଂରକ୍ଷଣ କରିବା ପ୍ରକ୍ରିୟା ଆରମ୍ଭରୁ ଚାଲିଆସିଥିଲା ଏବଂ ଏବେ ମଧ ଚାଲିଛି। ଏହାକୁ ଇଂରାଜୀରେ କୁହାଯାଏ- (Fortress Conservation) କିନ୍ତୁ ମାଧବ ଗାଡ଼ଗିଲ ଏହି ପ୍ରକ୍ରିୟାଟିର ଶେଷ ପର୍ଯ୍ୟନ୍ତ ବିରୋଧି ଥିଲେ। ତାଙ୍କର ମତ ଅନୁଯାୟୀ ପରିବେଶ ଓ ମଣିଷ ଏକ ଓ ଅଭିନ୍ନ। ତେଣୁ ମଣିଷର ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ପାଥେୟ କରି ପରିବେଶର ଉନ୍ନତି କରିବା ସମ୍ଭବ। ତେଣୁ ଯଥାର୍ଥରେ ତାଙ୍କୁ କୁହାଯାଏ "ଜନମାନସର ପରିବେଶବିତ୍"।

ପ୍ରଫେସର ଗାଡ଼ଗିଲଙ୍କର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଉଛି ପଶ୍ଚିମଘାଟ ପର୍ବତମାଳାର ସଂରକ୍ଷଣକୁ ନେଇ। ୟୁନେସ୍କୋ ବିଶ୍ୱଐତିହ୍ୟ ତାଲିକାରେ ନାମାଙ୍କିତ ହୋଇଥିବା ପଶ୍ଚିମଘାଟ ପର୍ବତମାଳା ମହାରାଷ୍ଟ୍ରଠାରୁ କେରଳ ପର୍ଯ୍ୟନ୍ତ ପାଖାପାଖି ଷୋହଳଶହ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହାର ସଂରକ୍ଷଣ ପ୍ରସଙ୍ଗକୁ ନେଇ ଭାରତର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ୨୦୧୦ରେ ଗଠନ କରିଥିଲେ ଏକ କମିଶନ୍ ମାଧବ ଗାଡ଼ଗିଲଙ୍କ ନେତୃତ୍ୱରେ। ଏହା ପରେ ଗାଡ଼ଗିଲ୍ କମିଶନ ନାମରେ ପରିଚିତ ହେଲା। ବ୍ୟାପକ ଗବେଷଣା ଓ ସ୍ଥାନୀୟ ଜନସାଧାରଣଙ୍କ ସହିତ ପରାମର୍ଶ ପରେ ୨୦୧୧ରେ ଏହାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରି ପ୍ରଫେସର ଗାଡ଼ଗିଲ ଦର୍ଶାଇଥିଲେ ଯେ ପଶ୍ଚିମଘାଟ ପର୍ବତମାଳାର ପାଖାପାଖି ପଞ୍ଚଷଠି ପ୍ରତିଶତ ପରିବେଶ ସୁରକ୍ଷା ଦୃଷ୍ଟିରୁ ସମ୍ବେଦନଶୀଳ ଅଟେ। ତେଣୁ ଏହି ଅଞ୍ଚଳରେ ଖଣି ଖନନ ଓ ଶିଳ୍ପ ସ୍ଥାପନ ଆଦି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବା ଉପରେ ନିୟନ୍ତ୍ରଣ ସହିତ, ଏହି ସବୁ କାର୍ଯ୍ୟ ଉପରେ ନିଷ୍ପତ୍ତି ନେବା ପାଇଁ ସ୍ଥାନୀୟ ଗ୍ରାମସଭା, ପଞ୍ଚାୟତ ଆଦିକୁ କ୍ଷମତା ପ୍ରଦାନ କରିବା ଉଚିତ୍। କିନ୍ତୁ କିଛି ବିଶେଷ କାରଣରୁ ଏହି କମିଶନର ରିପୋର୍ଟଟି ଗ୍ରହଣୀୟ ହେଲା ନାହିଁ। କାରଣଟି ହେଉଛି ଶିଳ୍ପପତି ମାନଙ୍କର ବିରୋଧ। ପରିଶେଷରେ କସ୍ତୁରୀ ରଙ୍ଗନ କମିଶନ, ଯାହାକି ଶିଳ୍ପକୈନ୍ଦ୍ରିକ ଥିଲା, ଗାଡ଼ଗିଲ କମିଶନର ସ୍ଥାନ ନେଲା। ନିଜ ଜୀବନର ପଚାଶବର୍ଷରୁ ଅଧିକ ସମୟ ମାଧବ ଗାଡ଼ଗିଲ ପଶ୍ଚିମଘାଟ ପର୍ବତମାଳାର ଗବେଷଣାରେ କଟାଇଥିଲେ ଏବଂ ତାଙ୍କ ପ୍ରଦତ୍ତ ତଥ୍ୟଭିତ୍ତିକ ରିପୋର୍ଟ ଶୀତଳ ଭଣ୍ଡାରରେ ପଡ଼ିରହିବା ତାଙ୍କୁ ଅଶେଷ ଦୁଃଖ ଦେଇଥିଲା।

ପଶ୍ଚିମଘାଟ ପର୍ବତମାଳାରେ ଚାଲୁଥିବା ଅବୈଧ ନିର୍ମାଣ ଓ ଖନନ ପ୍ରକ୍ରିୟାର ଫଳସ୍ୱରୂପ ଦେଖିବାକୁ ମିଳିଥିଲା ୨୦୧୮ ଓ ୨୦୨୪ ମସିହାରେ ଯଥାକ୍ରମେ କେରଳର ବନ୍ୟା ଓ ଭୂସ୍ଖଳନ। ଏହି ପରିପ୍ରେକ୍ଷୀରେ ପ୍ରଫେସର ଗାଡ଼ଗିଲ କହିଥିଲେ ଏହି ସବୁ ଦୁର୍ବିପାକ ପ୍ରକୃତିକୃତ ନୁହେଁ ବରଂ ଅଟେ ମନୁଷ୍ୟକୃତ। ଭାରତରେ ପରିବେଶ ସଂରକ୍ଷଣ ଓ ଜୈବ ବିବିଧତା ସମ୍ପର୍କିତ ଅନେକ ଆଇନ୍ ପ୍ରଣୟନର ସେ ଥିଲେ ମୁଖ୍ୟ ପୁରୋଧା। ନିଜର ଜୀବନବ୍ୟାପୀ ଅବଦାନ ପାଇଁ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ଓ ପଦ୍ମଭୂଷଣ ଉପାଧିରେ ସମ୍ମାନିତ କରିଥିଲେ। ସେ ମଧ ଭାରତର ପ୍ରଧାନମନ୍ତ୍ରୀଙ୍କର ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀର ସଦସ୍ୟ ଭାବେ ଅବସ୍ଥାପିତ ହୋଇଥିଲେ। ଆଜି ତାଙ୍କର ଅବର୍ତ୍ତମାନରେ ସେ ଆମ ପାଇଁ ଛାଡ଼ିଯାଇଛନ୍ତି ସ୍ୱରଚିତ ଅନେକ ମୂଲ୍ୟବାନ ପୁସ୍ତକ ଓ ନିଜ ଆତ୍ମଜୀବନୀ। ଭାରତବର୍ଷର ପରିବେଶ ସଂରକ୍ଷଣ ଓ ଜୈବବିବିଧତା ସୁରକ୍ଷା ଦିଗରେ ସ୍ୱର୍ଗତ ମାଧବ ଗାଡ଼ଗିଲଙ୍କର ମହନୀୟ ଭୂମିକାକୁ ମୁଁ ବାରମ୍ବାର ନମସ୍କାର କରେ।

# ସିପାହୀ ବିଦ୍ରୋହର ସୂତ୍ରଧର-ଚନ୍ଦନ ହଜୁରୀ



ଅକ୍ଷୟ କୁମାର ରାଉତ
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେ଼ମି ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

କେତେ ମହାମନିଷୀ କେତେ ଅବତାର କେତେ ଯୁଗାନ୍ତକାରୀ ଜ୍ଞାନୀ, ମାନୀ, ମହାପୁରୁଷ, ଏଇ କାନନ କୁନ୍ତଳା ତଟିନୀ ମେଖଳା ମନ୍ଦିର ମୟୀ କୀର୍ତ୍ତି କୀରିଟିନୀ ଚିର ମହନୀୟା ଭାରତ ମାତାର କୋଳ ଆଲୋକିତ କରି ତ୍ୟାଗ ଆଦର୍ଶ ଓ ଜ୍ଞାନ କର୍ମର ଅକ୍ଷୟ ଐଶ୍ୱର୍ଯ୍ୟରେ ସମଗ୍ର ବିଶ୍ୱକୁ କରିଛନ୍ତି ଦୀପ୍ତିମନ୍ତ। ସେମାନଙ୍କ ମଧ୍ୟରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ହେଉଛନ୍ତି ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ। ୧୮୨୭ ମସିହା ଅକ୍ଟୋବର ୩୦ ତାରିଖ କାର୍ତ୍ତିକ ଶୁକ୍ଳ ଏକାଦଶୀ ମଙ୍ଗଳ ବାର ତୁଳା ୧୫ ଦିନ ହରଚଣ୍ଡୀ ବୁଢା ଭୀମସେନ ହଜୁରୀ ବଡ ଠାକୁରଙ୍କୁ ଚନ୍ଦନ ଲାଗି କରୁଥିବା ସମୟରେ ଘରେ ଜନ୍ମ ନେଲେ ହଜୁରୀ ଚନ୍ଦନ ଖୁଣ୍ଟିଆ।

ଜଗନ୍ନାଥଙ୍କ ଚନ୍ଦନ ବେଶ ବେଳେ ଜନ୍ମ ହୋଇଥିବାରୁ ତାଙ୍କ ନାମ ଚନ୍ଦନ। ଆନନ୍ଦ ବଜାର ରେ ସବୁଦିନ ମହାପ୍ରସାଦ ଚାଖୁଥିବାରୁ ଲୋକେ ଡାକିଲେ ଚାଖି, ତାଙ୍କ ପୂର୍ବ ପୁରୁଷଙ୍କୁ ପୁରୀ ରାଜା ହଜୁରୀ ଉପାଧି ପ୍ରଦାନ କରିଥିବାରୁ ତାଙ୍କୁ ହଜୁର୍ ବୋଲି ସମ୍ମାନ କରାଯାଉଥିଲା। ଚନ୍ଦନ ହଜୁରୀ ସଂସ୍କୃତ ନପଢି ହିନ୍ଦୀ ପଢିଲେ ଓ ହିନ୍ଦୀ ପଢିବାରେ ସମସ୍ତଙ୍କୁ ଟପିଗଲେ। ଭୀମସେନ ହଜୁରୀ ପ୍ରତି ବର୍ଷ ପଶ୍ଚିମା ଯାତ୍ରୀ ଆଣିବାକୁ ଯାଆନ୍ତି। ତାଙ୍କର ଅନେକ ଯାତ୍ରୀ ଉତ୍ତର ପ୍ରଦେଶର ବିଠୁର ନାମକ ସ୍ଥାନରୁ ଆସିଥାନ୍ତି। ଭୀମସେନ ଥିଲେ ଝାନସୀ ରାଜ୍ୟ ଓ ପେଶୱାଙ୍କ ପୁରୀ ପଣ୍ଡା। ଚନ୍ଦନ ବାପାଙ୍କ ସାଙ୍ଗରେ ଅନେକ ସମୟ ବିଠୁର ଯାଉଥିଲେ। ସେଠାରେ ସେ ପେଶୱାଙ୍କ ଦେୱାନ ମୋରପନ୍ତଙ୍କ ଝିଅ ମନୁବାଇ (ଛବେଳୀ) ଓ ନାନାସାହେବଙ୍କ ସହ ଖଣ୍ଡା ଖେଳ ଓ ଘୋଡା ଚଢାରେ ଯୋଗଦେଉଥିଲେ। ଝାନ୍‌ସୀର ରାଜା ଗଙ୍ଗାଧର ରାଓଙ୍କର ପ୍ରଥମ ସ୍ତ୍ରୀର ଦେହାନ୍ତ ପରେ। ଭିମସେନଙ୍କ ମଧ୍ୟସ୍ଥିରେ ଗଙ୍ଗାଧର ମନୁବାଇଙ୍କୁ ବିବାହ କରିଥିଲେ । ବିବାହ ପରେ ମନୁବାଇଙ୍କ ନାମ ହେଲା ଲକ୍ଷ୍ମୀବାଈ। ବେପାର କରୁ କରୁ ଗୋରା ବଣିକ ମାନେ ଭାରତ ବର୍ଷର ଶାସକ ହୋଇଗଲେ । ଇଂରେଜ ଜାତିର ଅନ୍ୟାୟ ଓ ଅବିର ବିରୁଦ୍ଧରେ ବାଳକ ଚନ୍ଦନ ହଜୁରୀଙ୍କ ମନରେ ବିଦ୍ରୋହର ନିଆଁ ଜାଗିଉଠିଥିଲା। ବକ୍ସି ଜଗବନ୍ଧୁଙ୍କ ପାଇକ ବିଦ୍ରୋହ ଥିଲା ସ୍ୱାଧୀନତା ପାଇଁ ପ୍ରଥମ ସଂଗ୍ରାମ । ଆମ ଓଡିଆ ପୁଅ ପ୍ରଥମେ ଖଣ୍ଡା ଉଠାଇ ଭୟଭୀତ କରିଥିଲା ଗୋରା ସରକାରଙ୍କୁ । ଏଇ ମହାନ୍ ସଂଗ୍ରାମ କଥା ଚନ୍ଦନ ହଜୁରିଙ୍କ ମନରେ କରିଥିଲା ଗଭୀର ରେଖାପାତ। ଲକ୍ଷ୍ମୀବାଈଙ୍କର ସ୍ୱାମୀ ଓ ପୁଅ ଦୁହେଁ ଜଣକ ପରେ ଜଣେ ମରିଗଲେ ରାଜ୍ୟ ଅରାଜକ ହୋଇଗଲା। ଇଂରେଜ ସରକାର ଝାନ୍‌ସୀ ଦଖଲ କରି ରାଣୀଙ୍କୁ ୫ହଜାର ଟଙ୍କା ଭତ୍ତା ଦେଲେ। ଏହି ବିପଦ ବେଳେ ରାଣୀ ଲକ୍ଷ୍ମୀବାଈ ପିଲାଦିନର ସାଙ୍ଗ, ଭାଇ ଓ ଗୁରୁ ଚନ୍ଦନ ହଜୁରୀଙ୍କୁ ମନେ ପକାଇ ଚିଠିଟିଏ ଦେଲେ। ଚିଠି ପାଇ ଚନ୍ଦନ ନିଜ ସ୍ତ୍ରୀ ସୁନ୍ଦର ମଣୀ ଓ ଘରର ଦାୟତ୍ୱ ପାରୀନାନୀଙ୍କ ହାତରେ ଦେଇ ଝାନସୀ ଅଭିମୁଖେ ଯାତ୍ରା କଲେ । ପାରୀନାନୀ ସୁନ୍ଦରମଣୀକୁ ବୁଝେଇ ଦେଲେ ଚନ୍ଦନ ହେଉଛି ଉତ୍କଳର ମଲ୍ଲ ସେ କେତେ କୁସ୍ତି କସରତରେ ଅନେକ ମଲ୍ଲଙ୍କୁ କଚାଡି ଦେଇଛି। ତେଣୁ ଚନ୍ଦନଙ୍କୁ ପଲଟଣ ପଣ୍ଡା ବା ତୀର୍ଥ ଗୁରୁଜୀ ବୋଲି ଲୋକେ ଡାକୁଥିଲେ। ଝାନ୍‌ସୀରେ ପହଞ୍ଚି ଚନ୍ଦନ ହଜୁରୀ ରାଣୀଙ୍କୁ ପରାମର୍ଶ ଦେଲେ, ନାନା ସାହେବ ଓ ତାନ୍ତିଆ ଟୋପେଙ୍କ ସିପାହୀ ମାନଙ୍କୁ ନେଇ ଇଂରେଜ ମାନଙ୍କ ସାଙ୍ଗରେ ଲଢିବେ।

ଚନ୍ଦନ ହଜୁରୀ ବିଠୁରରେ ନାନା ସାହେବ, ମୁସଲମାନ ମାନଙ୍କ ନେତା ଓକିଲ ଆଜମୋଲ୍ଲା ଖାଁ, ତାନ୍ତିଆ ଟୋପେ ଓ ଦିଲ୍ଲୀ ସମ୍ରାଟ ବାହାଦୁର ଶାହାଙ୍କ ସହିତ ଯୋଗସୂତ୍ର ରକ୍ଷାକରି ଝାନ୍‌ସୀ ରାଜ୍ୟର ଗାଁ ଗହଳିରେ ବୁଲିଲେ, ଲୋକମାନଙ୍କୁ କହିଲେ ଆମେ ମିଳିମିଶି ଏ ଇଂରେଜ ସରକାରଙ୍କୁ ଆମ ଦେଶରୁ ତଡିବା। ସବୁ ଲୋକ ତାଙ୍କ କଥାରେ ମାତିଗଲେ। ଏହି ସମୟରେ ଚନ୍ଦନ ହଜୁରୀ ଏକ ଜନରବ ସୃଷ୍ଟି କରିବାର ଶୁଣାଯାଏ, ଇଂରେଜ ସରକାରଙ୍କ ଅଧିନରେ ଥିବା ସିପାହୀ ମାନଙ୍କୁ ବନ୍ଧୁକ ଫୁଟାଇଲା ବେଳେ ଯେଉଁ ତୋଟାକୁ ଦାନ୍ତରେ କାମୁଡିବାକୁ ପଡୁଥିଲା, ତାହା ଉପରେ ଗୋରୁ ଓ ଘୁଷୁରିର ଚର୍ବି ବୋଳା ଯାଇଛି। ସିପାହୀ ମାନେ ଧର୍ମ ଯିବା ଭୟରେ ବିଦ୍ରୋହ ଆରମ୍ଭ କରିଦେଲେ, ଏହାଥିଲା ୧୮୫୭ ମସିହା ସିପାହୀ ବିଦ୍ରୋହ।

ଝାନ୍‌ସୀ ଦୁର୍ଗ ଇଂରେଜ ସେନାପତି ସ୍କିନ ଅଧିକାର କରିନେଲେ। ହଠାତ ଦିନେ ଝାନ୍‌ସୀ ରାଜ୍ୟର ହଜାର ହଜାର ଲୋକ ହାତରେ ହାତ ହତିଆର ଧରି ଝନ୍‌ସୀ ଦୁର୍ଗ ଉପରେ ଆକ୍ରମଣ କରିଦେଲେ। ଇଂରେଜ ସିପାହୀ ଓ ଗୋରା ସେନାପତି ସ୍କିନଙ୍କୁ ନାକେଦମ କରି ଦେଇ ଦୁର୍ଗ ଅଧିକାର କରି ନେଲେ। କିଛି ଦିନପରେ ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈଙ୍କ ହାତ ମୁଠାକୁ ଆସିଲା। ଇଂରେଜ ସରକାର ହାର ମାନିଲେ। ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈ ଅଧିକାର କରିବାର ଗୋଟିଏ ବର୍ଷ ପୁରି ଗଲା। ଇଂରେଜ ସରକାର ସୁଯୋଗ ଖୋଜୁଥିଲ, କେମିତି ଝାନ୍‌ସୀ ଦୁର୍ଗ ଅଧିକାର କରିବେ। ସାର୍‌ହିଉରୋଜ ଓ କଲିନ୍ କ୍ୟାମ୍ପବେଲ ନେତୃତରେ ଇଂରେଜ ସେନାବାହିନୀ ୧୮୫୮ ସାଲରେ ଝାନ୍‌ସୀ ଦୁର୍ଗ ଆକ୍ରମଣ କରିଥିଲେ। ଝାନ୍‌ସୀ ନଗରିରେ ଯୁଦ୍ଧର ନାଗରାବାଜି ଉଠିଲା। ରାଣୀ ଲକ୍ଷ୍ମୀବାଈ ବୀର ପୋଷାକ ପିନ୍ଧି ଖଣ୍ଡା ଧରି ଯୁଦ୍ଧ ଭୂମିରେ ଠିଆହେଲେ। ଲକ୍ଷ୍ମୀବାଈ ତାଙ୍କର ୨ ଜଣ ପ୍ରଧାନ ସହଯୋଗୀ ରାମଚନ୍ଦ୍ର ଦେଶମୁଖ୍ ଖୋଦାବକ୍ସ ଓ ସେନାପତି ଗୋଲାମ ଚୌସ୍, ଇଂରେଜ ସୈନ୍ୟବାହିନୀ ଉପରେ ଆକ୍ରମଣ କରିଦେଲେ। ଇଂରେଜ ସୈନ୍ୟ ପ୍ରାଣଭୟରେ ଯୁଦ୍ଧ ଭୂମିରୁ ପଳାଇ ଯିବାକୁ ବାଟ ପାଇଲେ ନାହିଁ। ସାର୍ ହିଉରୋଜ ଜଣେ ନାରୀର ରଣକୌଶଳ ଦେଖି ଆଶ୍ଚର୍ଯ୍ୟ ହେଲେ। ଏତିକି ବେଳେ ଠାକୁର ଲାଲାଜି ବିଶ୍ୱାସ ଘାତକତା କରି ମୂଳ ଦୂର୍ଗ ଦୁଆର ଖୋଲିଦେଇ ଇଂରେଜ ସୈନ୍ୟ ମାନଙ୍କୁ ଦୁର୍ଗ ଭିତରକୁ ବାଟ ବତାଇଦେଲେ। ରାଣୀ ଲକ୍ଷ୍ମୀବାଈ ଓ ତାଙ୍କ ପୁଅ ଦାମୋଦର ଓ ଚନ୍ଦନ ହଜୁରୀ ଦୁର୍ଗ ଭିତରୁ ପଳାଇ ଗଲେ। ଏହି ଯୁଦ୍ଧରେ ସାହାଯ୍ୟ କରିବାକୁ ଆସୁଥିବା ତାନ୍ତିଆ ଟୋପେ ଓ ତାଙ୍କର ୨୦ହଜାର ସୈନ୍ୟ ବାଟରେ ଧରାପଡିଗଲେ। ସିନ୍ଧିଆ ଇଂରେଜକୁ ଡରି ସାହାଯ୍ୟ କଲେ ନାହିଁ। ଗୋୱାଲିଅର ପାଖାପାଖି ଏକ ନଦୀ କୂଳରେ ରାଣୀ ଲକ୍ଷ୍ମୀବାଈ ଗୋରା ବାହିନୀ ସଙ୍ଗେ ଯୁଦ୍ଧ କଲେ। ଝାନ୍‌ସୀ ରାଣୀଙ୍କ ଘୋଡା ପାଣି ଦେଖି ହଠାତ୍ ଅଟକିଗଲା। ରୋଜ୍ ସାହେବଙ୍କ ଗୁଳିରେ ରାଣୀଙ୍କ ଦେହରୁ ଝର ଝର ରକ୍ତ ନିଗିଡି ଗଲା। ଚନ୍ଦନ ହଜୁରୀଙ୍କ ହାତରୁ ମହାପ୍ରସାଦ ପାଣି ପାଇ, ସେହି ନଦୀ କୂଳରେ ପ୍ରାଣ ହରାଇଲେ। ଜଳନ୍ତା ଜୁଇରେ ଚିର ନିଦ୍ରାରେ ଶୋଇଲେ ଭାରତର ବାଘୁଣୀ ଲକ୍ଷ୍ମୀବାଈ। ତାନ୍ତିଆ ଫାଶୀପାଇଲେ । ନିଖୋଜ ହେଲେ ନାନା ସାହେବ। ଚନ୍ଦନ ହଜୁରୀ ସାଧୁ ଗଙ୍ଗା ଦାସ ନାମରେ ଲୁଚି ଲୁଚି ବୁଲିଲେ। ବାହାଦୁର ଶାହଙ୍କୁ ଇଂରେଜ ମାନେ ବର୍ମାର ରେଙ୍ଗୁନ୍‌ରେ ବନ୍ଦି କରି ରଖିଲେ। କାଲାକାଙ୍କର ରାଜାଙ୍କ ନିକଟରେ ଚନ୍ଦନ ହଜୁରୀ ବହୁଦିନ ରହିଗଲେ। ଇଂରେଜ ପୋଲିସ ଚନ୍ଦନକୁ ଧରିବା ଲାଗି ଛାଇଭଳି ଜଗିରହିଲେ। ଏଣେ ଚନ୍ଦନ ହଜୁରୀଙ୍କର ମୃତ୍ୟୁ ଖବର ଚାରିଆଡେ ପ୍ରଚାର ହୋଇଗଲା। ତାଙ୍କର ସ୍ତ୍ରୀ ସୁନ୍ଦର ମଣି ବିଧବା ହେଲେ। ଚନ୍ଦନ ହଜୁରୀ ଦେଢବର୍ଷ କାଳ ବଣ ଜଙ୍ଗଲ ଭିତରେ ବୁଲି ବୁଲି ୧୮୬୫ ମସିହାରେ ନିଜର ଜନ୍ମ ଭୂମି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ଘରେ ତାଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କର ପାରି ନାନି ଥଟ୍ଟାରେ ଢଗ ବୋଲିଲେ – 'ନଈରେ ବାଳିଆ ଚହଟିଲାକ ଜଳ ସିନ୍ଦୂର ନାଆ ଲୋ ରାଣ୍ଡ ପୁଣି ଚାଖିଆ ଲେଉଟିଲା'।

ମଣିଷ ମାରିବା ଅପରାଧରେ ପୁରୀରେ ଚାଖି ଖୁଣ୍ଟିଆଙ୍କ ବିଚାର ଚାଲିଲା। କିଛି ପ୍ରମାଣ ମିଳିଲା ନାହିଁ । ତାଙ୍କୁ ନଜର ବନ୍ଦୀ କରାଗଲା। ନିୟମ କରାଗଲା ସେ ପୁରୀ ବାହାରକୁ ଯାଇପାରିବେ ନାହିଁ। ପ୍ରତିଦିନ ତାଙ୍କୁ ଥାନାରେ ହାଜିର ହେବାକୁ ପଡୁଥିଲା।

ଚାଖି ଖଣ୍ଡା ଛାଡି କଲମ ଧଇଲେ। ଜଗନ୍ନାଥଙ୍କ ଭାବ ଭକ୍ତିରେ ଜଣାଣ ଭଜନ ଲେଖି ଚାଲିେ

'ଧଣ୍ଡାମାଳ ବୁହା ଦୁର୍ଦ୍ଦଶା ରାହୁ
ଚଣ୍ଡାଳ ଗ୍ରାସୁଅଛି ଚାହୁଁ ଚାହୁଁ
ଭଣ୍ଡାରେ ଖଣ୍ଡା ନାହିଁ କି ମଣିମା
ଗଣ୍ଡାକର ଦିଶୁ ନାହିଁ ମହିମା ହେ' ।

ଜୀବନର ସବୁ ସାହା ଭରସା ହରାଇ ତାଙ୍କ ମନ ହାହାକାର କରୁଥିଲା। ସେ ନିରାଶ ହୋଇ କଳା ଠାକୁରଙ୍କ ଆଗରେ ଜଣାଣ କରୁଥିଲେ –'ଡେଣା ଭଙ୍ଗା ପକ୍ଷୀ ପରାୟେ ହୋଇ ତାଙ୍କ ବିନୁ ଗତି ଅନ୍ୟଥା ନୋହି'।

୧୮୮୮ ମସିହା ଅକ୍ଟୋବର ୧୮ ତାରିଖ ଦିନ ଚନ୍ଦନ ହଜୁରୀ ଓରଫ ଚାଖି ଖୁଣ୍ଟିଆ ସିପାହୀ ବିଦ୍ରୋହର ସୂତ୍ରଧର ଆମକୁ ଛାଡି ଅମର ପୁରକୁ ଚାଲିଗଲେ। ଆଜିର ଓଡିଆ ପୁଅ ଏଇ ବୀରଙ୍କୁ ମନେପକାଇ ନିର୍ଭୀକ ହେଉ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୬୭

## ବନବାସକୁ ବାରବର୍ଷ ପୂରିଲା-୧



ବନବାସ କାଳରେ ପାଣ୍ଡବମାନଙ୍କ ସହିତଥିଲେ ବ୍ରାହ୍ମଣ ଓ ଆଉରି କେତେ ଅନୁଚର । ବ୍ରାହ୍ମଣମାନଙ୍କ ମଧ୍ୟରେ ଧୌମ୍ୟ ଓ ଲୋମଶ ଅନ୍ୟତମ ।

ଯୁଧିଷ୍ଠିର କହିଲେ- "ଆମର ବନବାସକୁ ବାରବର୍ଷ ପୂରିଲା । ଆମେ ଏବେ ଅଜ୍ଞାତ ବାସ କରିବୁ । ତେଣୁ ଅନୁରୋଧ କରୁଛି, ପୂଜ୍ୟ ବ୍ରାହ୍ମଣ ଓ ଅନ୍ୟମାନେ ରାଜ୍ୟକୁ ଫେରିଯାଆନ୍ତୁ । ମହାତ୍ମାମାନଙ୍କର ଆଶୀର୍ବାଦ ସାଥିରେ ନେଇ ଆମେ ଅଜ୍ଞାତ ସ୍ଥାନକୁ ଚାଲିଯିବୁ । ଦୁର୍ଯ୍ୟୋଧନର ଗୁଇନ୍ଦାଙ୍କ ନଜରରେ ପଡ଼ିଲେ ମହା ଅନର୍ଥ ଘଟିବ । କୌଣସିମତେ, ଏକବର୍ଷ ବିତେଇ ଦେଲେ ପୁଣି ମହାତ୍ମାମାନଙ୍କ ସହ ଦେଖାହେବ । ଏହି ଗୋଟେ ବର୍ଷ ଆମ ପାଇଁ ଅଗ୍ନିପରୀକ୍ଷା ।"

ଧୌମ୍ୟ ଆଶ୍ୱାସନା ଦେଇ କହିଲେ - "ଯୁଧିଷ୍ଠିର ! ତୁମଠାରୁ ବିଚ୍ଛେଦ ହେବା ଆମପାଇଁ କଠିନ । ତୁମ ପାଇଁ ବିପଦ ରହିଛି । ତେବେ ତୁମେ ଗୁଣୀ ! ନିଶ୍ଚୟ ବିପଦକୁ, ସହଜରେ ଏଡେଇଯିବ । ଆମ ପାଖରେ ବହୁ ଉଦାହରଣ ରହିଛି । ଅସୁରମାନଙ୍କୁ ଡରି ଇନ୍ଦ୍ର ନିଷଧ ରାଜ୍ୟରେ ବ୍ରାହ୍ମଣ ରୂପେ ଆତ୍ମଗୋପନ କରିଥିଲେ । ରାଜା ଦଶରଥଙ୍କ ପୁତ୍ର, ରାମ ଚଉଦବର୍ଷ ବନବାସ କରିଥିଲେ । ମହାବିଷ୍ଣୁ ବାମନ ରୂପରେ ଅଦିତିଙ୍କ ଗର୍ଭରେ ଲୁକ୍କାୟିତ ରହି ମାନବ ରୂପେ ଜନ୍ମ ହୋଇଥିଲେ । ଏହିପରି କେତେ ଉଦାହରଣ ।

ଧର୍ମ ତୁମ ସହିତ ରହିଛନ୍ତି । ବ୍ୟସ୍ତ ହୁଅନାହିଁ । କଠିନ ସମୟ ସହଜରେ ଅତିବାହିତ ହୋଇଯିବ ।" ବ୍ରାହ୍ମଣ ଓ ଅନ୍ୟ ଅନୁଚରମାନେ ଫେରିଗଲେ । ଯୁଧିଷ୍ଠିର ଓ ଭାଇମାନେ ଅରଣ୍ୟର ଏକ ନିଭୃତ ଅଞ୍ଚଳକୁ ଚାଲିଗଲେ । ସେଇଠି ଯୁଧିଷ୍ଠିର ଅର୍ଜୁନଙ୍କୁ କହିଲେ । "ଭାଇ, ତୁମେ ଅନେକ ଦେଶ ଭ୍ରମଣ କରିଛ ! ତୁମର ଜ୍ଞାନ ଅଛି । କେଉଁ ଦେଶକୁ ଗଲେ ଆମେ ଅନାବିଷ୍କୃତ ଭାବରେ ରହିପାରିବା ଓ ଦୁର୍ଯ୍ୟୋଧନର ଗୁଇନ୍ଦା କୌଣସି ସୂଚନା ପାଇପାରିବେ ନାହିଁ ?"

ଅର୍ଜୁନ କହିଲେ, "ଯମ ଦେବତା ଆମକୁ ଆଶୀର୍ବାଦ ଦେଇଛନ୍ତି । ଆମେ ଆଗାମୀ ବାରମାସ ସୁରୁଖୁରୁରେ କଟେଇଦେବା । ଭାଇ, ମୋ ଜାଣିବାରେ ଅନେକ ସୁନ୍ଦର ଦେଶ ଅଛି । ଯଥା- ମତ୍ସ୍ୟ, କଳିଙ୍ଗ, ଦଶାର୍ଣ୍ଣ, ସୁରସେନ ଇତ୍ୟାଦି । ଯଦି ନିର୍ଦ୍ଦିଷ୍ଟ ଭାବେ ମୋର ମତ ଚାହାଁନ୍ତି, ତେବେ ମୁଁ କହିବି, ମତ୍ସ୍ୟଦେଶ ସବୁଦୃଷ୍ଟିରୁ ଭଲ ଦେଶ ।"

- ହଁ । ମତ୍ସ୍ୟଦେଶର ରାଜା ବିରାଟ ଜଣେ ଶକ୍ତିଶାଳୀ ରାଜା । ଆମମାନଙ୍କ ପ୍ରତି ତାଙ୍କର ସ୍ନେହ ଓ ପ୍ରେମ ରହିଛି । ରାଜା ବିରାଟଙ୍କୁ ଦୁର୍ଯ୍ୟୋଧନ କେବେଁ ବଶୀଭୂତ କରିପାରିବେ ନାହିଁ । ତେଣୁ ମତ୍ସ୍ୟରାଜ୍ୟ ସର୍ବୋତ୍ତମ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ପୂଜିବୁ ମାଆ ବୀଣାପାଣି

*ନଳିନୀ ଦାଶ*



ଶ୍ରୀ ପଞ୍ଚମୀ ପର୍ବ ଆସିଛି ମରତେ
ଖୁସିରେ ହସେ ଧରଣୀ
ସରଗପୁରରୁ ହଂସ ବାହାନରେ
ଆସୁଛନ୍ତି ବୀଣାପାଣି ।
ଧବଳ ବସନେ ବିରାଜିବେ ମାଆ
ବୀଣା ବହି ହାତେ ଧରି
ମଣ୍ଡପେ ବସିବେ ଜ୍ଞାନ ବିତରିବେ
ଧରଣୀରେ ଯିବ ଝରି ।
ଆସ ମିଳିମିଶି ସାଙ୍ଗମାନେ ଆମେ
ଜାତି ଜାତି ଫୁଲ ତୋଳି
ସୂତାରେ ଗୁନ୍ଥିବା ଶରଧାରେ ଆମେ
ମାଆ ପାଇଁ ଫୁଲ ମାଳି ।
ମାଆ ଆଗମନେ ବିଦ୍ୟାଳୟେ ଆଜି
ତୋରଣ ହେଇଛି ସଜା
ମଣ୍ଡପରେ ବସି ମାଆ ସରସ୍ୱତୀ
ପାଇବେ ସବୁଠି ପୂଜା ।
ଧୂପ ଦୀପ ଫୁଲ ଅଗୁର ବାସରେ
ମହକେ ବିଦ୍ୟା ମନ୍ଦିର
ଗଜ ମୋତିହାର ପିନ୍ଧି ମା ଶାରଦା
ଦିଶନ୍ତି କେଡ଼େ ସୁନ୍ଦର ।
ମାଆଙ୍କ ଆଶିଷେ କାଳିଦାସ ଦିନେ
ପଣ୍ଡିତରେ ହେଲେ ଗଣା
ଶରଧା ଭକତି ରଖି ପୂଜୁଥିଲେ
ବଜେଇବେ ଜ୍ଞାନ ବୀଣା ।
ସରବେ ମିଶିଣ ରାଶିଲଡୁ ଫଳ
ମୂଆଁ ଭୋଗ ବାଢ଼ିଦେବା
ପୁଷ୍ପାଞ୍ଜଳି ଦେଇ ମାଆଙ୍କୁ ଡାକିବା
ମୁଣ୍ଡିଆ ଆମେ ମାରିବା ।
ବୁଦ୍ଧି ବିଦ୍ୟା ଜ୍ଞାନ ଦିଅ ମା ଭାରତୀ
ବନ୍ଦନା ଗାଇବା ବସି
ଆଶିଷ ଅମୃତ ଝରିଲେ ମଥାରେ
ଜୀବନେ ଭରିବ ଖୁସି ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

# ମାଁ ବାଗ୍‌ଦେବୀ...

*ଗୋପୀନାଥ ଦାଶ*

ବିଜେ ହେବେ ମାଁ ବାଗ୍‌ଦେବୀ
ଚଳଚଞ୍ଚଳ ପୁର ପଲ୍ଲୀ ବିଦ୍ୟାଳୟ
ହଂସ ବାହିନୀ କଲ୍ୟାଣ କରିବେ
ଦୂର ହେବ ଡର ଭୟ ।
ଅନ୍ଧାର ହରିବେ ମାଆ ଶ୍ୱେତପଦ୍ମା
ବୁଦ୍ଧି ଜ୍ଞାନ ଦେବେ ଭାରତୀ
ବିଦ୍ୟା ଲାଭ କରି ସଫଳ ହୋଇବା
ଜଗତ ପାରିବା ଜିତି ।
ଆସରେ ପିଲାଏ ତୋଳି ଆଣିବା
ଜାତି ଜାତିକା ଫୁଲ
ମାଳା ଦେବା ବିଦ୍ୟାଦାତ୍ରୀଙ୍କ ଗଳାରେ
ମିଳିବ ଶୁଭ ଫଳ ।
ନାନା ରକମର ଫଳ, ଭୋଗ ଆଣି
ଧୂପ ଦୀପ ଜାଳି ଦେବା
ମନ୍ତ୍ର ପାଠ କରି ପୁଷ୍ପାଞ୍ଜଳି ଦେବା
ନିଷ୍ଠାରେ ଦେବି ପୂଜିବା ।
ବୀଣାପାଣି, ହଂସ ବାହିନୀ, ବିଦ୍ୟା ଜନନୀ
ପଶୁଛୁ ତୁମ୍ଭ ଶରଣ
ପୁସ୍ତକ ଧାରିଣୀ, ଶାରଦା ବରଦା
କରୁଥିବ ବିଦ୍ୟାଦାନ ।

*ବଲାଙ୍ଗିର*
*ମୋ- ୬୩୭୧୮୦୫୦*

# ସଡ଼କ ସୁରକ୍ଷା ମନ୍ତ୍ର

*ପ୍ରଫୁଲ୍ଲ କୁମାର ସାହୁ*



ସଡ଼କ ସୁରକ୍ଷା ମାସ
ସଭିଏଁ ପାଳିବା ଆସ
ନିୟମକୁ ମାନି ଗାଡ଼ି ଚଳାଇଲେ
ଦୁର୍ଘଟଣା ହେବ ହ୍ରାସ ।୧।

ଗାଡ଼ି ନେଇ ଯଦି ଯିବା
ହେଲ୍‌ମେଟ୍ ସାଥେ ନେବା
ମୁଣ୍ଡେ ପିନ୍ଧି ଥିଲେ ଟ୍ରାଫିକ୍ ପାଖରେ
ଜରିମାନା ଟି ନ ଦେବା ।୨।

ଗାଡ଼ି ଚଳାଇବା ଧୀରେ
ରାସ୍ତାର ବାମ ପାର୍ଶ୍ୱରେ
ସୁବିଧା ମିଳିଲେ ଆଗକୁ ଯିବାକୁ
କାଟି ଯିବା ଡାହାଣରେ ।୩।

ବାଟରେ ଆଗକୁ ଚାହିଁ
ଧୀର ସ୍ଥିର ଆମେ ହୋଇ
କାର୍‌ରେ ଗଲେ ସିଟ୍ ବେଲ୍‌ଟ ବାନ୍ଧି
ଗାଡ଼ି ଚଳାଇବା ଯାଇ ।୪।

ଚାଳକ ପ୍ରମାଣ ପତ୍ର
(ସାଥେ) ଥିଲେ ସୁବିଧା ବହୁତ
ଚେକିଂ ସମୟେ କାମରେ ଆସିବ
କଥାଟି ଅଟଇ ସତ ।୫।

ଦୁର୍ଘଟଣା ହ୍ରାସ ପାଇଁ
ସଭିଏଁ ଶପଥ ନେଇ
ନିୟମକୁ ମାନି ଗାଡ଼ି ଚଳାଇଲେ
(ବାଟେ) ଅସୁବିଧା ହେବ ନାହିଁ ।୬।

ଜୀବନେ କରି ଶପଥ
ସାଜିବା ଶାନ୍ତିର ଦୂତ
ଲୋକଙ୍କୁ ଆମେରେ ବୁଝାଇ ଦେବାଟି
ସଡ଼କ ସୁରକ୍ଷା ମନ୍ତ୍ର ।୭।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,ଶକ୍ତି ବିହାର/ବାଲିପଡ଼ା,ମାହାଙ୍ଗା,କଟକ*
*ମୋ-୭୬୦୯୦୪୪୩୮୩*



# ସଡ଼କ ସୁରକ୍ଷା ଦିବସ

*ସୁରମା ମିଶ୍ର*

ଜାନୁଆରୀ ମାସେ ସଡକ ସୁରକ୍ଷା
ଦିବସ ହେଉଛି ପାଳନ
ଆସରେ ସଭିଏଁ ମିଳିମିଶି ଆମେ
କରିଦେବା ସଚେତନ ।।
ସବୁ ନିୟମକୁ ବୁଝାଇ ସଭିଙ୍କୁ
ହାତଯୋଡି କରି କହିବା
ନିୟମାନୁସାରେ ଗାଡ଼ି ଚଲାଇବା
ଅମାନିଆ ନ ହୋଇବା ।।
ଧୀରେ ସୁସ୍ଥେ ଗାଡି ଚଲାଇବା ଆମେ
ମୋବାଇଲ କେବେ ଧରିବାନି
ମୋବାଇଲ ଧରି ଗାଡ଼ି ଚଳାଇଲେ
ନିୟନ୍ତ୍ରଣ ରହିବନି ।।
ବିନା ହେଲମେଟ ସିଟବେଲ୍ଟରେ
ଗାଡ଼ି ଚଲାଇବା ନାହିଁ
ଛୋଟପିଲା ମାନେ ଦିଅନ୍ତି ସ୍ଲୋଗାନ
କାନଡେରି ଶୁଣ ଭାଇ ।।
ସଡକ ସୁରକ୍ଷା ଜୀବନଟି ରକ୍ଷା
ଏଇ ବାର୍ତ୍ତା ଆମେ ଦେବାରେ
ଅମାନିଆକୁ ମନାଇବା ଆମେ
ପୋଲିସର ସାହାଯ୍ୟରେ ।।
ଟିକିଏ ଭୁଲରେ କେତେ ଯେ ଜୀବନ
ଅକାଳେ ପଡୁଛି ଝଡି
ଆମେ ଯଦି ଟିକେ ସତର୍କ ନ ହେବା
ସବୁ ଯିବରେ ବିଗିଡ଼ି ।।
ଅଫେରା ରାଇଜେ ଚାଲି ଯିବ ଯିଏ
ସିଏ ତ ଫେରିବ ନାହିଁ
ପରିବାର ଲୋକେ ଝୁରି ମରୁଥିବେ
ଭୁଲି ସେ ପାରିବେ ନାହିଁ ।।

*ବି ଏଲ ୩୯, ଭି ଏସ ଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଓଡ଼ିଶା ମାଟିର ଲଢୁଆ ପୁଅ

*ନୀଳମଣି ଚାନ୍ଦ*



ଓଡ଼ିଶା ମାଟିରେ ଜନମିଥିଲେରେ
କେତେଯେ ଲଢୁଆ ପୁଅ
ଆଖି ଆଗେ ନାଚେ ବୀର ସୁରେନ୍ଦ୍ର
ନେତାଜୀ ସୁଭାଷ ମୁହଁ ।
ନେତାଜୀ ଗଢ଼ିଲେ 'ଆଜାଦ ହିନ୍ଦ୍
ଫୌଜ' ସ୍ୱାଧୀନତା ପାଇଁ
'ଦିଲ୍ଲୀ ଚଲୋ'ର ଡାକରା ଯେ ଦେଲେ
କୁହ କିଏ ଜାଣେ ନାଇଁ ।
'ମୋତେ ରକ୍ତ ଦିଅ ସ୍ୱାଧୀନତା ଦେବି'
କହୁଥିଲେ ସଦା ସିଏ
ସେ ଆମ ସୁଭାଷ, ନେତାଜୀ ନାମରେ
ପରିଚିତ ଥିଲେ ଯିଏ ।
ସେଇ ଜାନୁୟାରୀ ତେଇଶି ତାରିଖ
ଅଭୁଲା ଯେ ଆମପାଇଁ
ଖିଣ୍ଡାରେ ସୁରେନ୍ଦ୍ର ସାଏ ଜନ୍ମିଥିଲେ
କୁହ କିଏ ଜାଣେ ନାଇଁ ।
ଇଂରେଜ ଶାସକ ବିରୋଧରେ ସାରା
ଜୀବନ ଲଢେଇ କଲେ
ବନ୍ଦୀ ହୋଇକି ଅସିରଗଡର
ଜେଲ୍ ଭିତରେ ମଲେ ।
ଉଭୟଙ୍କ ଜନ୍ମ ଗୋଟିଏ ତାରିଖ
ଜାନୁୟାରୀ ତେଇଶିରେ
ପ୍ରତିମୂର୍ତ୍ତି ପାଶେ ଶ୍ରଦ୍ଧାଞ୍ଜଳି ଦେବା
ସୁମନଟି ଦେଇକିରେ ।
ଆମ ଓଡିଶାର ଗରବ, ଗୌରବ
ଏ ମାଟି ଲଢୁଆ ପୁଅ
ସ୍ୱର୍ଣ୍ଣାକ୍ଷରେ ନାମ ଲେଖା ହୋଇଅଛି
ଏ କଥାଟି ମିଛ ନୁହଁ ।

*୨୭, ମନ୍ତ୍ର ମାନୋର,*
*ଗୋଠପାଟଣା, ଭୁବନେଶ୍ୱର-୨୯*
*ମୋ-୯୫୮୩୨୦୨୩୫୭*

# ମାଆଙ୍କୁ ପୂଜିବା ଚାଲ

*ରାମଚନ୍ଦ୍ର ପ୍ରଧାନ*

ଆସ କୁନା, ମୁନା ରଚନା, ଲିଜା
ବିଦ୍ୟାଳୟ ଯାଇ କରିବା ପୂଜା ।
ମାଆ ସରସ୍ୱତୀ ବନ୍ଦନା ଗାଇ
ସବୁ ବିପଦକୁ ଦେବା ଆଡେଇ ।
ଫୁଲହାର ଥୋଇ ମୂର୍ତ୍ତି ଉପରେ
ପୂଜିବା ମାଆଙ୍କୁ ଧୂପ ଦୀପରେ ।
ଭକତିରେ ମଜ୍ଜି କରିବା ଧ୍ୟାନ
ଲଭିବା ସରବେ ତାଙ୍କଠୁ ଜ୍ଞାନ ।
ଅନ୍ତରୁ ଉଡ଼ାଇ ଭକତି ଧ୍ୱଜା
ବିଧି ଉପଚାରେ କରିବା ପୂଜା ।
ଝୋଟି ଚିତା ଦେଇ ପୂଜା ମଣ୍ଡପେ
ମାଆଙ୍କୁ ପୂଜିବା ମହା ଆନନ୍ଦେ ।
ମାଆଙ୍କ ପାଖରେ କରି ଶପଥ
ଗଡ଼ାଇବା ସର୍ବେ ଜ୍ଞାନର ରଥ ।
ତାଙ୍କ ନାଁ ସୁମରି ପଢ଼ିବା ପାଠ
ସଅଳ ଉଠିବା ନ କରି ମଠ ।
କାହାକୁ ନ କରି ଅସନମାନ
ମିଠା କଥା କହି ତୋଷିବା ମନ ।
ସର୍ବଦା କରିବା ଉତ୍ତମ କାମ
ଯେତେ ଦୁଃଖ ଆସୁ ଜୀବନେ ଆମ ।

*ଶିକ୍ଷକ,ଟେକ୍ନିକାଲ୍ ହାଇସ୍କୁଲ୍,ଆସିକା*
*ମୋ-୯୮୬୧୬୩୮୭୩୬*

# ନାଆଁ ନେତାଜୀ ସୁଭାଷ

*ରାଜ କିଶୋର ସ୍ୱାଇଁ*



ରକତ ଦିଅ ମୁଁ ଦେବି ସ୍ୱାଧୀନତା
ଦେଲେ ଏ ଡାକରା ଯିଏ
ଆଜାଦ ହିନ୍ଦ ଫଉଜ ଗଠନ
କରିଥିଲେ ପରା ସିଏ ॥୧॥
ଦେଖି ପରାଧୀନ ଭାରତର ଛବି
କରିଥିଲେ ସିଏ ପଣ
ଫିରିଙ୍ଗି ଶାସନ କରିବାକୁ ଶେଷ
କରିଥିଲେ ସିଏ ରଣ ॥୨॥
ଦେଖି ଗାନ୍ଧିଜୀଙ୍କ ଆପଣାର ପଣ
ଦେଶପ୍ରେମ ଆଉ ତ୍ୟାଗ
ଜାତିର ଜନକ ବୋଲି ତାଙ୍କୁ ସିଏ
ଡାକିଥିଲେ ପରା ଆଗ ॥୩॥
ଲକ୍ଷ୍ୟ ଦୁହିଁଙ୍କର ଥିଲେ ହିଁ ସମାନ
ମାର୍ଗ ଥିଲାଟି ଅଲଗା
ଗାନ୍ଧୀଙ୍କ ନୀତିକୁ ବିରୋଧ କଲାରୁ
ପଡିଲା ତାଙ୍କୁ ମହଙ୍ଗା ॥୪॥
ଉଚ୍ଚ ପଦବୀର ଚାକିରୀକୁ ଛାଡି
ଦିନ ରାତି କରି ଏକ
ଏ ଦେଶ ମୁକତି ସଂଗ୍ରାମରେ ସାଜି
ଥିଲେ ସେ ମହାନାୟକ ॥୫॥
କଲେ ସେ ସଂଗ୍ରାମ ନକରି ସାଲିସ
ସହି ଘାତ ପ୍ରତିଘାତ
ସ୍ୱାଧୀନତା ପାଇଁ ତାଙ୍କ ବଳିଦାନ
ସଭିଙ୍କ ଲାଗି ଦୃଷ୍ଟାନ୍ତ ॥୬॥
ଜନମ ସ୍ଥାନଟି କଟକ ନଗର
ନାଆଁ ନେତାଜୀ ସୁଭାଷ
ଆଜିବି ଚର୍ଚ୍ଚାରେ ତାଙ୍କରି ଦେହାନ୍ତ
ଅଭୁଲା ତାଙ୍କ ସାହସ ॥୭॥

*ଅବସରପ୍ରାପ୍ତ ଉପଆରକ୍ଷୀ ଅଧିକ୍ଷକ,*
*କାର୍ଯ୍ୟନିର୍ବାହୀକା ସମିତି ସଦସ୍ୟ, ଉତ୍କଳ ସାହିତ୍ୟ ସମାଜ*
*ଶାନ୍ତିନଗର, ନୂଆପଡା, ନୂଆବଜାର, କଟକ-୭୫୩୦୦୪*

# ସୁରେନ୍ଦ୍ର ସାଏ

*ଅସୀମା ପ୍ରଧାନ*



ବହ୍ନି ପୁରୁଷ ହେ ବୀର ସୁରେନ୍ଦ୍ର ସାଏ
ଜନମ ଦିନେ ତୁମ ପ୍ରଣତି ଜଣାଏ ।।
ଖିଣ୍ଡା ଗ୍ରାମରେ ଜାନୁଆରୀ ତେଇଶରେ
ଜନମିଲ ଯେ ଧରମ ସିଂହଙ୍କ ଘରେ ।।
ଦେଶ ପ୍ରେମ ଶିକ୍ଷା ଦେଲେ ମାତା ରେବତୀ
ଶର ଚାଳନା, ଘୋଡ଼ାଚଢ଼ାରେ ଯେ ମତି ।।
ଅଧିକାର ପାଇଁ ଲଢ଼ି ବ୍ରିଟିଶ ସାଥେ
କେତେ ଯେ ଶତ୍ରୁ ନିପାତିଲେ ନିଜ ହାତେ ।।
ବିଦ୍ରୋହ କାମରୁ ରଖିଲେ ଯେ ଦୂରେଇ
ଅସୀରଗଡ ଦୁର୍ଗେ ରଖି ବନ୍ଦୀ କରି ।।
ସଇତିରିଶ ବର୍ଷ କାଳ ବନ୍ଦୀ ରହି
ଦୁଃଖ ସହିଲେ କେତେ ମାତୃଭୂମି ପାଇଁ ।।
ଫେବୃଆରୀ ଅଠାଇଶ ତାରିଖ ପରା
ଛାଡିଦେଇ ଥିଲେ ଆମ ସୁନ୍ଦର ଧରା ।।
ସେରେଣ୍ଡର ନଟ ସାଏ ବୋଲି ଇଂରେଜ
ଡାକୁଥିଲେ ଯେଣୁ ସେ ଥିଲେ ଅପହଞ୍ଚ ।।
ପାହାଡ଼ ପର୍ବତ ବୁଲି ସଂଗ୍ରାମେ ରତ
ଭାଇମାନେ ସବୁ ତୁମ ହେଲେ ନିହତ ।।
ସହିଛ କେତେ ଯେ ତୁମେ ଦୁଃଖ ଯାତନା
ଦେଶଭକ୍ତି ର ଉଡାଇଥିଲ ବାନା ।।
ସ୍ୱାଧୀନତା ଆଣିବ ଜୀବନ ଦେଇ
ପଣ ତୁମର ତ ଜଗତ ଜାଣଇ ।।
କୋଶ କୋଶ ବାଟ ପାଦେ ତୁମେ ଚାଲି
ନିଜକୁ ପରା ତ ଯାଇଥିଲ ଭୁଲି ।।
ସମ୍ବଲପୁର ମାଟି ଯେ ଧନ୍ୟ ଆଜି
ନାମ ରଖିଲ ତ ଦେଶ ଭକ୍ତ ସାଜି ।।

*ବୀରମହାରାଜପୁର, ସୁବର୍ଣ୍ଣପୁର*

# ମରାଳ ବାହିନୀ

*ଧ୍ରୁବ ଚରଣ ବେହେରା*



ବିଦ୍ୟା ପ୍ରଦାୟିନୀ ମରାଳ ବାହିନୀ
ଆସ ମାଆ ଅବତରୀ
ଅଜ୍ଞାନ ଅନ୍ଧାର ଦୂର କର ମୋର
ଏତିକି କରେ ଗୁହାରୀ ।।
ତୁମ ଦୟା ହେଲେ ଜଡ ଦେହେ ମାଆ
ଫୁଟିବ ପ୍ରାଣର ଆଶା
ହସିବ ସକାଳ ନୂଆ ରୂପ ନେଇ
ଫେଡିବ ସକଳ ଦଶା ।।
ଗଣ୍ଡ ମୂର୍ଖ ଦିନେ ହୋଇବ ସୁଜ୍ଞାନ
ଭକ୍ତ କାଳିଦାସ ପରି
ବିଦ୍ୟା ପ୍ରଦାୟିନୀ ମରାଳ ବାହିନୀ
ଆସ ମାଆ ଅବତରୀ ।।
ଆସ ମାଆ ତୁମେ ପୁଣ୍ୟ ବସନ୍ତରେ
ବଉଳ ମହକ ଧାରେ
ଘେନ ପୂଜା ଅର୍ଘ୍ୟ ସ୍ତୁତିର ନୈବେଦ୍ୟ
ମାଘ ପଞ୍ଚମୀର ତୀରେ ।।
ନାଚ ଗୀତ କଳା କବିତା ସଂଗୀତେ
ହସୁ ଏ ଭାରତ ପୂରି
ଅଜ୍ଞାନ ଅନ୍ଧାର ଦୂର କର ମୋର
ଏତିକି କରେ ଗୁହାରୀ ।।

*ଭାରତୀୟ ସାମରିକ ସେବା*
*ଅଠରବାଟିଆ, ବାଲୁଗାଁ (ଖୋର୍ଦ୍ଧା)*
*ମୋ-୮୩୨୮୯୩୦୫୫୪*

# ଡୋର



ବିଜୟଲକ୍ଷ୍ମୀ ପାଣିଗ୍ରାହି



ଥଣ୍ଡା କମିଛି ବୋଲି ମିକୁ ଆଜି ରେଜେଇ ଛାଡି ବାହାରିଛି ଜେଜେବାପାଙ୍କ ସହିତ ପ୍ରାତଃ ଭ୍ରମଣରେ । ଖରାଦିନେ ସେ ଯେତିକି ଲୋକ ଦେଖୁଥିଲା ଏବେ ଆଉ ଦେଖୁନାହିଁ । କାରଣ କ'ଣ ହୋଇପାରେ... ଭାବି ଚିନ୍ତିତ ହେଲା । ମିକୁ ମୁହଁକୁ ପଢିବାକୁ ଜେଜେଙ୍କୁ ଚୁଟକିର ସମୟ ଲାଗେ । ମିକୁ ପ୍ରଶ୍ନ ପଚାରିବା ଆଗରୁ ଜେଜେ ଉତ୍ତର ଦେଇଦିଅନ୍ତି ବୋଲି ସେ ଭାରି ଆଶ୍ଚର୍ଯ୍ୟ ହୁଏ । ଏବେ ମଧ୍ୟ ଜେଜେ ମିକୁକୁ ଆଶ୍ଚର୍ଯ୍ୟ କରାଇଦେଲେ ।

-ବୁଝିଲୁ ମିକୁ ! ଆମ ଜୟପୁରରେ ଅଧିକ ତେଲୁଗୁ ଲୋକ ରୁହନ୍ତି । ସେମାନଙ୍କର ବଡ଼ ପର୍ବ ପୋଙ୍ଗଲ ଏବେ ପାଳନ କରାଯାଉଛି । ସେଥିପାଇଁ ଅନେକ ଲୋକ ପ୍ରାତଃ ଭ୍ରମଣରେ ଆସିନାହାନ୍ତି ।

-ହେଲେ ଜେଜେ, ପୋଙ୍ଗଲ ପାଇଁ ତ ଆମ ସ୍କୁଲ ଛୁଟି ହୋଇନାହିଁ । ମକର ସଂକ୍ରାନ୍ତି ଛୁଟି ହୋଇଥିଲା ।

-ପୋଙ୍ଗଲ ହେଲା ତେଲୁଗୁ ପର୍ବ । ଆନ୍ଧ୍ର ପ୍ରଦେଶରେ ସେମାନେ ଛୁଟି କରନ୍ତି । ମକର ସଂକ୍ରାନ୍ତି ଆମ ଓଡ଼ିଆ ପର୍ବ ସେଥିପାଇଁ ଓଡିଶାବାସୀ ଛୁଟିକରି ପର୍ବ ପାଳନ କରିଥିଲେ ।

ପଡ଼ିଆରେ ଥିବା ବରଗଛରେ ଏକ ଗୁଡି ଓହଳି ରହିଥିବା ଦେଖି ମିକୁର ଆଖି ସେ ଆଡକୁ ଟାଣି ହୋଇଯାଉଥାଏ । ଜେଜେ କହିଲେ, 'ଦେଖିଲୁ ମିକୁ ସେହି ଗୁଡିଟି କାହିଁକି ଆକାଶରେ ନ ଉଡି ଗଛରେ ଓହଳି ରହିଛି ?

- ମୁଁ ତ ଏବେ ଏହି ପ୍ରଶ୍ନ ତୁମକୁ ପଚାରି ଥାଆନ୍ତି ।

- ମକର ସଂକ୍ରାନ୍ତି ଦିନ ତୋ ପରି କେତେ ପିଲା ଏହି ପଡ଼ିଆରେ ଗୁଡି ଉଡାଉଥିଲେ ।

ଏହିଗୁଡିଟି ସବୁ ଗୁଡିଙ୍କ ମଧ୍ୟରୁ ଉପରେ ଉଡୁଥାଏ । ସବୁଗୁଡିଙ୍କୁ କାଟି କାଟି ସେ ଯେତେବେଳେ ଉପରକୁ ଯାଉଥିଲା, ସେତେବେଳେ ଡୋର ତାକୁ ସାହସ ଦେଉଥିଲା । କହୁଥିଲା, ଦେଖ ତୁ ଡରନା... ମୁଁ ତୋ ସାଥିରେ ଅଛି । ଡୋରର କଥାରେ ସେ ସାହସ ବାନ୍ଧିଲା । ସତକୁ ସତ ଡୋର ଅଛି ବୋଲି ତାକୁ ଆଉ ପଡିଯିବା ଭୟ ଲାଗୁନାହିଁ । ସେ ନିଡର ହୋଇ ଉପରକୁ ଉପରକୁ ଉଠିବାରେ ଲାଗିଲା । କିଛି ସମୟପରେ ସେ ଦେଖିଲା, ସବୁ ଯାକ ଗୁଡିକୁ ଅତିକ୍ରମ କରି ସେ ଉପରକୁ ଉଠି ସାରିଛି । ତାକୁ ଆହୁରି ଉପରକୁ ଯିବାକୁ ଇଚ୍ଛା ହେଲା । ଆକାଶରେ ଏତେ ଉଚ୍ଚରେ ଉଡିବାର ମଜାରେ ସେ ସବୁକିଛି ଭୁଲିଗଲା । ତାକୁ ଏବେ ଲାଗିଲା ସେ ଆଉ ଉପରକୁ ଯାଇପାରୁନାହିଁ । କାରଣ ତା' ସାଥିରେ ଥିବା ଡୋରଟି ତାକୁ ଯିବାକୁ ଦେଉନାହିଁ । ସେ ବିରକ୍ତ ହୋଇଗଲା । ଭାବିଲା ଏହି ଡୋରଟି ହିଁ ମୋତେ ଉପରକୁ ଯିବାକୁ ଦେଉନାହିଁ । ମୁଁ ଯାଉଛି ଏ ଡୋର ଠାରୁ ଅଲଗା ହୋଇଯିବି । ତା'ପରେ ସେ ହଲି ହଲି କୌଶଳ କରି ଡୋର ଛିଣ୍ଡାଇ ଅଲଗା ହୋଇଗଲା । ବାସ୍ ତାପରେ... ସେ ଆଉ ଉପରକୁ ଯିବ କ'ଣ, ମୁହଁ ମାଡି ତଳକୁ ତଳକୁ ଖସିବାକୁ ଲାଗିଲା । ଡୋର ସହିତ ଥିବା ଗୁଡିମାନେ ବହୁତ ସମୟ ଉଡିଲେ । ହେଲେ ଏହି ଗୁଡିଟି ତଳକୁ ଖସୁଥିବା ସମୟରେ ସେହି ଗଛରେ ଲାଗି ଓହଳି ରହିଛି । କୁନା ଜେଜେଙ୍କ କଥା ଭିତରେ ଏମିତି ପଶିଯାଇଥାଏ ଯେ ତା'ର ଚାଲିବା ଧୀର ହୋଇଯାଇଥାଏ । ପାଦ ଏପଟ ସେପଟ ପଡୁଥାଏ । ତେଣୁ ଜେଜେ ପଡ଼ିଆର ଏକ କଣରେ ଥିବା ଗଛମୂଳରେ ତାକୁ ବସିବାକୁ କହିଲେ । ଗଛ ମୂଳରେ ମିକୁ ବସୁଥିଲା ସତ ହେଲେ ଚାହିଁ ରହିଥିଲା ଅଦୂରରେ ଓହଳିଥିବା ସେହି ଗୁଡିକୁ । ଜେଜେ ତା'ପିଠିକୁ ଆପୁଡ଼େଇଦେଲେ ।

-ବୁଝିଲୁ ମିକୁ ! ଆମେ ସମସ୍ତେ ଗୋଟେ ଗୋଟେ ଗୁଡି । ସବୁବେଳେ ଡୋର ସାଥେ ରହିଥିବା ।

-ହେଲେ ଡୋର କିଏ ?

-ଡୋର ହେଲେ ଭଗବାନ । ଆଉ ଆମ ଭଗବାନ ହେଉଛନ୍ତି ଆମ ବାପାମାଆ ।

-ନାଇଁ ଜେଜେ । ଆମ ଭଗବାନ ହେଉଛନ୍ତି ଜଗନ୍ନାଥ ।

-ହଁ, ତୁ ଠିକ୍ କଥା କହିଲୁ । ସେ ଆମ ସମସ୍ତଙ୍କର ଭଗବାନ । ହେଲେ ସମସ୍ତଙ୍କୁ ଏକା ସାଙ୍ଗରେ କେତେବେଳେ ଖୁଆଇ ଦେବେ, ପଢେଇ ଦେବେ, ଶୁଆଇ ଦେବେ, ଖେଳେଇ ଦେବେ ସେଥିପାଇଁ ସେ ଜଣଜଣଙ୍କର ଦାୟିତ୍ୱ ଜଣଜଣଙ୍କୁ ଦେଇଛନ୍ତି ।

-ସେ କିଏ ଜେଜେବାପା ? ମୋ ଦାୟିତ୍ୱ କାହାକୁ ଦେଇଛନ୍ତି ?

-ତୁ କହୁନୁ... ତୋର ସବୁକାମ କିଏ କରାଇଦେଉଛି ।

-ମାଆ କରାଏ... ବାପା ବି କରନ୍ତି...ଆଉ ତୁମେ ମଧ୍ୟ...

-ହଁ, ସେମାନେ ହେଲେ ଆମ ବାପା-ମାଆ ।

-ତା'ହେଲେ ସେ ଡୋର କ'ଣ ଆମ ବାପାମାଆ ?

- ହଁ, ତୁ ଗୁଡି ହେଲେ... ତୋ ବାପାମାଆ ହେଉଛନ୍ତି ତୋ ଡୋର । ସେଥିପାଇଁ ସବୁବେଳେ ବାପା ମାଆ ସାଥିରେ ରହିବୁ । ତାଙ୍କ ସାଥି କେବେ ଛାଡ଼ିବୁ ନାହିଁ । ଦେଖିଲୁ ତ ଗୁଡି ଉପରକୁ ଗଲାପରେ ଡୋରଠାରୁ ଅଲଗା ହେଲା ବୋଲି କେତେ କଷ୍ଟ ପାଇଲା । ଠିକ୍ ଏହିପରି ତୁ ବଡ଼ମଣିଷ ହୋଇ ଯେତେ ଉପରକୁ ଗଲେ ମଧ୍ୟ ଡୋରକୁ ଛାଡ଼ିବୁ ନାହିଁ ।

କୁନା ଜେଜେଙ୍କୁ କୁଣ୍ଢାଇ ଧରି କହିଲା,' ତୁମକୁ ମଧ୍ୟ ଛାଡିବିନି ମୋ ଡୋର...' !

*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ- ୮୨୪୯୪୫୦୦୫୦*

# ତୁମ ତୂଳୀରୁ ...



ଅଭିଲାଷ ଦାଶ, ନବମ ଶ୍ରେଣୀ, ବଲାଙ୍ଗିର ପବ୍ଲିକ ସ୍କୁଲ, ହାତୀଶାଳ ପଡା, ବଲାଙ୍ଗିର, ପିନ -୭୬୭୦୦୧





ମୀତାଂଶୀ ମିଶ୍ର, ସପ୍ତମ ଶ୍ରେଣୀ, ବ୍ଲେସ୍‌ଡ୍ ସାକ୍ରାମେଣ୍ଟ ହାଇସ୍କୁଲ, ପୁରୀ

## ଆଇପିଏଲରେ ଏଆଇର ପ୍ରବେଶ : ଜେମିନି ସହ ହାତ ମିଳାଇଲା ବିସିସିଆଇ, ୨୭ କୋଟିର ବମ୍ପର ଡିଲ୍




**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଅର୍ଥାତ ବିସିସିଆଇ ଇଣ୍ଡିଆନ ପ୍ରିମିୟର ଲିଗ୍ ପାଇଁ ନୂଆ ସ୍ପନସରର ଖୋଜି ସାରିଛି। ଯାହା କି ଏଆଇ ପ୍ରାୟୋଜକ। ଆଇପିଏଲ ୨୦୨୬ ପୂର୍ବରୁ ବିସିସିଆଇ ଗୁଗଲ ଏଆଇ ପ୍ଲାଟଫର୍ମ ଜେମିନି ସହ ହାତ ମିଳାଇଛି। ଆସନ୍ତା ୩ ବର୍ଷ ପାଇଁ ଏଆଇ ସ୍ପନସରସିପ୍ ଭାବେ ବିସିସିଆଇ ଏବଂ ଗୁଗଲ ମଧ୍ୟରେ ୨୭୦ କୋଟି ଟଙ୍କାର ଡିଲ ହୋଇଛି। ଜେମିନି ଏଆଇ ପ୍ଲାଟଫର୍ମ ଆଗାମୀ ଆଇପିଏଲ ସିଜିନର ଏଆଇ ସ୍ପନସର ହେବ। ଗୁଗଲ ଜେମିନିର ପ୍ରତିଦ୍ୱନ୍ଦୀ କମ୍ପାନୀ ଚାର୍ଟଜିପିଟି ମହିଳା ପ୍ରିମିୟର ଲିଗରେ ପ୍ରାୟୋଜକ ମଧ୍ୟରେ ଗୋଟିଏ। ଏହି କାରଣରୁ ଗୁଗଲ ଆଇପିଏଲରେ ମଧ୍ୟ ତାର ଉପସ୍ଥିତି ଜାହିର କରିଛି। ଏ ନେଇ ବିସିସିଆଇର ପକ୍ଷରୁ ସୂଚନା ମିଳିଛି। ଆସନ୍ତା ୩ ବର୍ଷ ପାଇଁ ଏହି ଡିଲ୍ ହୋଇଛି।

ଆଇପିଏଲ ୨୦୨୬ କଥା କହିବାକୁ ଗଲେ ଅଳ୍ପ ଦିନ ସରିଛି। ମାର୍ଚ୍ଚ ୨୬ରୁ ଆରମ୍ଭ ହେବ ଫଟାଫଟ ଲିଗ୍ ଟୁର୍ଣ୍ଣାମେଣ୍ଟ। ମେ ୩୧ ଯାଏ ଖେଳାଯିବ। ୨ ମାସରୁ ଅଧିକ ସମୟ ଯାଏ ଏହି କ୍ରିକେଟର ଭରପୁର ମନୋରଞ୍ଜନ କରିବେ କ୍ରିକେଟପ୍ରେମୀ। ଗତ ସିଜନରେ ୧୮ ବର୍ଷ ପରେ ପ୍ରଥମ ଥର ଟ୍ରଫି ଜିତିଥିଲା। କେବଳ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ପଞ୍ଜାବ କିଙ୍ଗସ୍ ଟ୍ରଫି ଜିତିନାହାନ୍ତି।

### ପ୍ରଥମ ଟି-୨୦ : ଅଭିଷେକ ଓ ରିଙ୍କୁଙ୍କ ଧୂଆଁଧାର ବ୍ୟାଟିଂ

# ନ୍ୟୁଜିଲାଣ୍ଡକୁ ୪୮ ରନ୍‌ରେ ହରାଇଲା ଭାରତ

**ନାଗପୁର**

ବିଦର୍ଭ କ୍ରିକେଟ ଆସୋସିଏସନ ଷ୍ଟାଡିୟମଠାରେ ଅନୁଷ୍ଠିତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ, ନ୍ୟୁଜିଲାଣ୍ଡକୁ ୪୮ ରନ୍‌ରେ ପରାସ୍ତ କରିଛି। ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଏବଂ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ବଳରେ ଭାରତ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୩୮ ରନ୍‌ର ପାହାଡ଼ ସଦୃଶ ସ୍କୋର ଛିଡ଼ା କରିଥିଲା। ଭାରତ ପାଇଁ ଅଭିଷେକ ଶର୍ମା ମାତ୍ର ୩୫ ବଲ୍‌ରୁ ୮୪ ରନ୍ ସଂଗ୍ରହ କରିଥିଲେ। ମାତ୍ର ୨୨ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରି ସେ ଆନ୍ତର୍ଜାତୀୟ ଟି-୨୦ରେ ୮ମ ଥର ପାଇଁ ୨୫ ବଲ୍‌ରୁ କମ୍‌ରେ ଅର୍ଦ୍ଧଶତକ ହାସଲ କରିବାର ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି। ରିଙ୍କୁ ସିଂ ଶେଷ ଭାଗରେ ୨୦ ବଲ୍‌ରୁ




ଅପରାଜିତ ୪୪ ରନ୍‌ର ଇନିଂସ ଖେଳି ଭାରତକୁ ଏକ ମଜବୁତ ସ୍ଥିତିରେ ପହଞ୍ଚାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ (୩୨) ଏବଂ ହାର୍ଦ୍ଦିକ ପାଣ୍ଡ୍ୟା (୨୫) ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରନ୍ ଯୋଡ଼ିଥିଲେ।

୨୩୯ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ୭ ଉଇକେଟ୍ ହରାଇ ୧୯୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ବରୁଣ ଚକ୍ରବର୍ତ୍ତୀ ଏବଂ ଶିବମ ଦୁବେ ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ୍ ନେଇ କିୱି ଦଳର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ।

## ସର୍ବଭାରତୀୟ ଲାଲ୍ ମନି କ୍ରିକେଟ ସେମିଫାଇନାଲରେ ବାପୁଜୀ କ୍ଲବ୍

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ଆୟୋଜିତ ସର୍ବ ଭାରତୀୟ ଲାଲ୍ ମନି କ୍ରିକେଟର ତୃତୀୟ ଦିବସରେ ରକେଟ ଏକାଦଶ (ମୁମ୍ବାଇ) ଓ ବାପୁଜୀ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ବାପୁଜୀ କ୍ଲବ୍ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମୁମ୍ବାଇ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ୱିକେଟ୍ ହରାଇ ୧୩୯ ରନ୍ କରିଥିଲେ। ମୁମ୍ବାଇ ଦଳ ପକ୍ଷରୁ ଶିବମ କୁମାର ୩୨ ବଲ ରେ ୪୫ ରନ୍, ରିତେଶ ରାଜ ୧୭ ବଲରେ ୨୦ ରନ୍, ମନୀଷ ତିୱାରୀ ୧୫ ବଲରେ ୨୧ ରନ୍ କରିଥିଲେ। ଭୁବନେଶ୍ୱର ଦଳ ପକ୍ଷରୁ ପ୍ରାୟସ ସିଂହ ସର୍ବାଧିକ ୪ ୱିକେଟ୍, ଶୟଦ୍ ଜାକି ୨ଟି ଓ ନମନ୍ ଧ୍ରୁବ ୧ଟି ୱିକେଟ୍ ହାସଲ କରିଥିଲେ। ପ୍ରତିଉତ୍ତରରେ ବାପୁଜୀ କ୍ଲବ୍ ଭୁବନେଶ୍ୱର ୮.୫ ଓଭରରେ ୧ ୱିକେଟ୍ ହରାଇ ସ୍କୋର ସମାନ ବେଳେ ଛକା ମାରି ୧୪୫ ରନ୍ କରି ପ୍ରଥମ ମ୍ୟାଚ୍ ବିଜୟୀ ହୋଇଥିଲେ। ବିଜୟୀ ଦଳ ପକ୍ଷରୁ ସିଦ୍ଧାନ୍ତ ଜେନା ୧୫ ବଲରେ ୨୫ ରନ୍, କ୍ଷମା ସାଗର ୩୫ ବଲରେ ୮୯ ରନ୍, ଶୁଭମ୍ ୪ ବଲରେ ୧୬ ରନ୍ କରିଥିଲେ। ସେହିପରି ଟି/୧୦ ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇ ଦଳ ବ୍ୟାଟିଂ କରି ୧୦ ଓଭରରେ ୬ ୱିକେଟ୍ ହରାଇ ୧୦୧ ରନ୍ କରିଥିଲେ। ଦଳ ପକ୍ଷରୁ ଯସ ରାଠୋଡ଼ ୧୩ ବଲରେ ୨୨ ରନ୍, ଯମୁନା ଝା ୧୮ ବଲରେ ୩୧ ରନ୍, ଶିବମ ୮ ବଲରେ ୧୯ ରନ୍ କରିଥିଲେ। ଭୁବନେଶ୍ୱର ଦଳ ପକ୍ଷରୁ ପ୍ରାୟସ ସିଂହ ସର୍ବାଧିକ ୨ଟି ୱିକେଟ୍, ସୁଶିଲ ବାରିକ, ବିକାଶ ଦୀକ୍ଷିତ, ବାସୁକି ନାଥ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ୍ ହାସଲ କରିଥିଲେ। ପ୍ରତିଉତ୍ତରରେ ବାପୁଜୀ କ୍ଲବ ୧ ୱିକେଟ୍ ହରାଇ ୬.୨ ଓଭରରେ ୧୦୨ ରନ୍ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ କ୍ଷମା ସାଗର ବଳ ୧୮ ବଲରେ ଅପରାଜିତ ୪୩ ରନ୍ କରିଥିଲେ। ଶୁଭମ ଶତ୍ରୁଜିତ୍ ୧୯ ବଲରେ ୩୯ ରନ୍ କରିଥିଲେ। ବାପୁଜୀ କ୍ଲବ୍‌ର କ୍ଷମା ସାଗର ବଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇଥିଲା। ସମାଜ ସେବୀ ଶ୍ରୀବତ୍ସ ମଲ୍ଲିକ, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜର ଦେବାଶିଷ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇ ବୁଧବାରର ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିବା ବେଳେ କଣ୍ଟ୍ରାକ୍ଟର ତଥା ସମାଜସେବୀ ଶ୍ରିକାନ୍ତ ମିଶ୍ର ଓ ସୁଦାମ ସୁନା ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇ ଶ୍ରୀ ବଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ଅମ୍ପାୟର ସତ୍ୟ ପ୍ରାସାଦ ରଥ ଓ ଶ୍ୟାମ ସୁନ୍ଦର ପଣ୍ଡା ଏହି ଖେଳ ପରିଚାଳନା କରିଥିବା ବେଳେ ସ୍କୋରର୍ ଭାବେ ବିନୋଦ ପାତ୍ର, ଅନ୍ ଲାଇନ୍ ସ୍କୋରିଂରେ ଦିନେଶ ଘିବିଲା ଓ ହିମାଂଶୁ ପଧାନ ଦାୟିତ୍ୱ ତୁଲାଇ ଥିଲେ। ବି.ଏସ. ରାଓ, ସଞ୍ଜୀବ ମିଶ୍ର, ପାର୍ଥ ସାରଥୀ ଦାଶ ଓ ବିନୋଦ ମହାକୁର ଖେଳର ପ୍ରତ୍ୟକ୍ଷ ଧାରାବିବରଣୀ ପ୍ରଦାନ କରିଥିଲେ।

## ୧୨ ଚୌକା, ୫ ଛକା : ୧୯ ବର୍ଷରୁ କମ୍ ବିଶ୍ୱକପରେ କଙ୍ଗାରୁ ବ୍ୟାଟରଙ୍କ ବିସ୍ଫୋରକ ଶତକ, ଭାଙ୍ଗିଲା ସବୁ ରେକର୍ଡ




**ନୂଆଦିଲ୍ଲୀ**

ପଡ଼ିଆରେ ବର୍ଷିଲା ଚୌକା-ଛକା। ଆକାଶରେ ଉଡ଼ିଲା, ବାଉଣ୍ଡ୍ରୀ ଛୁଇଁଲା ବଲ୍। ନାକେଦମ ହେଲେ ବୋଲର। ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପରେ ଅଷ୍ଟ୍ରେଲିଆର ୟଙ୍ଗ ଓପନର ୱିଲ ମାଲାଜୁକ ଜାପାନ ବିପକ୍ଷରେ ଖେଳିଛନ୍ତି ବିସ୍ଫୋରକ ପାଳି। ଟୁର୍ଣ୍ଣାମେଣ୍ଟ ଇତିହାସରେ ନୂଆ ରେକର୍ଡ କରିଛନ୍ତି। କଙ୍ଗାରୁ ଟିମ୍‌ର ବାମହାତୀ ବ୍ୟାଟର ୱିଲ ମାଲାଜୁକ ଜାପାନ ବିପକ୍ଷରେ ୫୫ଟି ବଲ୍‌ରୁ ୧୨ଚୌକା ଓ ୫ଛକା ବଳରେ ୧୦୨ ରନ କରିଥିଲେ। ୫୧ଟି ବଲରେ ଶତକ ହାସଲ କରିଥିଲେ ୱିଲ। ଯାହାକି ଏହି ଟୁର୍ଣ୍ଣାମେଣ୍ଟର ଦ୍ରୁତ ଶତକ।

ଚଳିତ ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ର ଷଷ୍ଠ ଦିବସରେ ଅଷ୍ଟ୍ରେଲିଆ ବିଜୟ ହାସଲ କରିଛି। ବାଂଲାଦେଶ-ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌କୁ ବର୍ଷା ଧୋଇ ନେଇଛି। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଜାପାନକୁ ପରାସ୍ତ କରିଥିଲା। ଗ୍ରୁପ୍ ଏ'ର ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜାପାନ ଦଳ ୮ ୱିକେଟ୍ ହରାଇ ୨୦୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ହ୍ୟୁଗୋ ତାନି-କେଲି ୭୯ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିହାର ପରମାର ୩୩, ଚାର୍ଲି ହାରା-ହିଞ୍ଜୋ ୨୪ ଓ ମୋଣ୍ଟଗୋମେରି ହାରା-ହିଞ୍ଜୋ ୨୯ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଡେନ କୁରେ ୩ଟି ଓ ୱିଲ ବେରୋମ ୨ଟି ୱିକେଟ୍ ନେଇଥିଲେ।

ଜବାବରେ ଅଷ୍ଟ୍ରେଲିଆ ୨୯.୧ ଓଭରରେ ୨ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ୱିଲ ମାଲାଜୁକ ୫୫ଟି ବଲ୍‌ରେ ୧୨ଚୌକା ଓ ୫ଛକା ବଳରେ ୧୦୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିତେଶ ସାମୁଏଲ ଅପରାଜିତ ୬୦, ଷ୍ଟିଭେନ ହୋଗାନ ୧୫ ଓ ଟମ୍ ହୋଗାନ ଅପରାଜିତ ୧୯ ରନ କରିଥିଲେ। ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୧ ୱିକେଟ୍ ବିନିମୟରେ ୫୧ ରନ କରିଥିବାବେଳେ ବର୍ଷା ଯୋଗୁଁ ଖେଳ ସମ୍ଭବ ହୋଇ ନଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ।

## ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ୟୁଥ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କାଠଖୁଣ୍ଟିଆ ଫୁଟବଲ ପଡ଼ିଆ ଠାରେ ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ୟୁଥ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ କୁମ୍ପିଲ, କରଡ଼ାପଲ୍ଲୀ, କେରଙ୍ଗ, ଭାଲିଆବାଡ଼ି, ଏ.ଜେ କ୍ଲବ ପାଇକ ତିଗିରିଆ, ମା' ମଙ୍ଗଳା କ୍ଲବ ବାଜପୁର, କାଠଖୁଣ୍ଟିଆ ଏବଂ ଗଡ଼ମାଣତ୍ରି ଭାଗନେଇଛନ୍ତି। ପ୍ରଥମ ଦିବସର ଖେଳ କୁମ୍ପିଲ ଏବଂ କରଡ଼ାପଲ୍ଲୀ ମଧ୍ୟରେ ହୋଇଥିଲା। ଯେଉଁଥିରେ କୁମ୍ପିଲ ୨-୦ ଗୋଲରେ ବିଜୟ ଲାଭ କରିଥିବା ବେଳେ ଦ୍ୱିତୀୟ ଦିବସର ଖେଳ କେରଙ୍ଗ ଏବଂ ଭାଲିଆବାଡି ମଧ୍ୟରେ ହୋଇ ଥିଲା। ଯେଉଁଥିରେ ଭାଲିଆବାଡ଼ି ୩-୧ ଟ୍ରାଇବେକର ମାଧ୍ୟମରେ ବିଜୟ ଲାଭ କରିଛି।

୨୧ ତାରିଖ ତୃତୀୟ ଦିବସର ଖେଳ ଏ.ଜେ କ୍ଲବ ପାଇକତିଗିରିଆ ଏବଂ ମା' ମଙ୍ଗଳା କ୍ଲବ ବାଜପୁର ମଧ୍ୟରେ ହୋଇଥିଲା। ଏଥିରେ ଏ.ଜେ କ୍ଲବ ପାଇକତିଗିରିଆ ୪-୧ ଗୋଲ ବ୍ୟବଧାନରେ ବିଜୟ ହୋଇଛି। ୨୨ ତାରିଖ ଦିନ କାଠଖୁଣ୍ଟିଆ ସହ ଗଡ଼ମାଣତ୍ରି ଖେଳ ହେବ ବୋଲି ଟୁର୍ଣ୍ଣାମେଣ୍ଟ କମିଟି ତରଫରୁ ସୂଚନା ଦିଆଯାଇଛି। ଏହି ମ୍ୟାଚ୍‌କୁ ପରିଚାଳନା କରିଥିଲେ ଗିରିଶ ଚନ୍ଦ୍ର ଜାନି। ତାଙ୍କ ସହ ଲାଇନରେ ସାହାଯ୍ୟ କରିଥିଲେ ସଗିର ଅହମଦ ଏବଂ ପ୍ରଫୁଲ୍ଲ କୁମାର ବେହେରା। ଚତୁର୍ଥ ରେଫେରି ଭାବେ ଅମଜାଦ ଖାଁ ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଦଳର ପୂର୍ବତନ ଖେଳାଳି ଡାନିୟଲ ନାଏକ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ କେରଙ୍ଗ ଅହମଦୀୟା କ୍ଲବର ପୂର୍ବତନ ଖେଳାଳି ହେଦାୟତ ଖାଁ ଏବଂ ଶୁକଦେବ ନାଏକ ଯୋଗ ଦେଇଥିଲେ।

## ୪୩ବର୍ଷରେ ଅବସର ନେଲେ ପାକିସ୍ତାନର ଭେଟରାନ କ୍ରିକେଟର ସୋଏବ ମଲିକ

**ନୂଆଦିଲ୍ଲୀ**

ପାକିସ୍ତାନର ଭେଟରାନ କ୍ରିକେଟର ସୋଏବ ମାଲିକ ୪୩ ବର୍ଷ ବୟସରେ ଅବସର ଘୋଷଣା କରିଛନ୍ତି। ପାକିସ୍ତାନ ସୁପର ଲିଗ୍‌ରୁ ସନ୍ନ୍ୟାସ ନେଇଛନ୍ତି। ସେ ୨୦୧୬ରେ ଏହାର ଉଦ୍‌ଘାଟନୀ ସିଜିନ୍‌ରୁ ପିଏସଏଲରେ ଖେଳୁଥିଲେ ଏବଂ ତାଙ୍କ ସ୍ମରଣୀୟ କ୍ୟାରିୟରରେ ୨୦୦୦ରୁ ଅଧିକ ରନ କରିଛନ୍ତି। ସେ ପିଏସଏଲ ୧୧ ଠିକ୍ ପୂର୍ବରୁ ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ଆଗାମୀ ସିଜନ ୨୬ମାର୍ଚ୍ଚରୁ ଆରମ୍ଭ ହେବ। ସୋଏବ ମଲିକ ସୋସିଆଲ ମିଡ଼ିଆ ମାଧ୍ୟମରେ ତାଙ୍କର ଅବସର ଘୋଷଣା କରିଛନ୍ତି।

ସେ ପାକିସ୍ତାନ ସୁପର ଲିଗରେ ତାଙ୍କର ୧୦ ସିଜନର ଅଭିଜ୍ଞତା ବାଣ୍ଟି କହିଛନ୍ତି ଯେ, ଗତ ୧୦ବର୍ଷ ମଧ୍ୟରେ ସେ ଅନେକ ସ୍ମୃତି ସାଉଣ୍ଟିଛନ୍ତି, କିନ୍ତୁ ଏବେ




ଲିଗକୁ ଅଲବିଦା କହୁଛି। ସେ ଏହା ମଧ୍ୟ କହିଛନ୍ତି ଯେ, ସେ ପିଏସଏଲରୁ ଅବସର ନେଉଛନ୍ତି, କିନ୍ତୁ କ୍ରିକେଟର ଉନ୍ନତି ପାଇଁ ସର୍ବଦା ଚେଷ୍ଟା କରିବେ।

## ଡବ୍ଲୁପିଏଲ୍ ୨୦୨୬ : ଦିଲ୍ଲୀକୁ ରକ୍ଷା କଲେ କ୍ୟାପ୍ଟେନ୍ ଜେମିମା, ଡିଫେଣ୍ଡିଂ ଚାମ୍ପିଅନ୍ ମୁମ୍ବାଇର ହ୍ୟାଟ୍ରିକ ପରାଜୟ

**ନୂଆଦିଲ୍ଲୀ**

ଚଳିତ ଡବ୍ଲୁପିଏଲ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ଚତୁର୍ଥ ପରାଜୟର ସାମ୍ନା କରିଛି। ୧୩ତମ ଲିଗ୍ ମୁକାବିଲାରେ ଦଳ ୭ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଠାରୁ ପରାଜିତ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ୫ ୱିକେଟ୍ ବିନିମୟରେ ୧୫୪ ରନ ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯ ଓଭରରେ ୩ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା। ବିଜୟ ସହ ଦିଲ୍ଲୀ କ୍ୟାପିଟାଲ୍ସ ପଏଣ୍ଟ ତାଲିକାର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ସ୍ଥାନ ବଜାୟ ରଖିଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ବେଶ୍




ଫଳପ୍ରଦ ସାବ୍ୟସ୍ତ ହୋଇଥିଲା। ଆହତ ଜି କାମାଳନୀ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଥିଲେ। ତାଙ୍କ ସ୍ଥାନରେ ବାମ ହାତି ସ୍ପିନର ବୈଷ୍ଣବୀ ଶର୍ମାଙ୍କୁ ଚୁକ୍ତି କରିଥିଲା ମୁମ୍ବାଇ ଇଣ୍ଡିଆନ୍ସ। ସେ ପଦାର୍ପଣ କରିଥିଲେ। ସେହିପରି କାମାଳନୀଙ୍କ ସ୍ଥାନରେ ରାହିଲା ଫିର୍ଦୋସ ୱିକେଟ୍ କିପର ଦାୟିତ୍ୱ ତୁଲାଇଥିଲେ। ଏସ ସଜନା ଓ ହେଲି ମାଥ୍ୟୁସ ପାଳି ଆରମ୍ଭ କରିଥିଲେ ଓ ଉଭୟ ନିରାଶ କରିଥିଲେ। ସଜନା ୯ ଓ ମାଥ୍ୟୁସ ୧୨ ରନ କରି ଆଉଟ୍ ହୋଇଥିଲେ। ଏହାପରେ ନାତାଲି ସ୍କିଭର-ବ୍ରଣ୍ଟ ଓ ହର୍ମନପ୍ରୀତ କୌର ମିଶି ସ୍ଥିତି ସୁଧାରିଥିଲେ। ତୃତୀୟ ୱିକେଟ୍‌ରେ ଉଭୟ ୭୮ ରନ ଯୋଗ କରିଥିଲେ। ଦଳୀୟ ସ୍କୋର ୯୯ ବେଳେ ବ୍ୟକ୍ତିଗତ ୪୧ (୭ ଚୌକା) ରନ କରି ହର୍ମନପ୍ରୀତ ଆଉଟ୍ ହୋଇଥିଲେ। ପରେ ପରେ ନିକୋଲା କ୍ୟାରୀ ୧୨ ଓ ଅମନଜୋତ କୌର ୩ ରନ କରି ପାଭିଲିୟନ ଫେରିବା ସହ ମୁମ୍ବାଇ ଇଣ୍ଡିଆନ୍ସ ୧୩୪ ରନ୍‌ରେ ୫ଟି ୱିକେଟ୍ ହରାଇଥିଲା। ସ୍କିଭର-ବ୍ରଣ୍ଟ ଗୋଟିଏ ପଟେ ଲଢୁଆ ବ୍ୟାଟିଂ ଜାରି ରଖି ଅର୍ଦ୍ଧଶତକ ଅର୍ଜନ କରିବା ସହ ଦଳୀୟ ସ୍କୋରକୁ ୧୫୪ରେ ପହଞ୍ଚାଇଥିଲେ। ସେ ୪୫ଟି ବଲ୍‌ରେ ୬ ଚୌକା ଓ ୨ଛକା ବଳରେ ୬୫ ରନ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଶ୍ରୀଚରଣୀ ୩ଟି ୱିକେଟ୍ ନେଇଥିଲେ।

ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସର ଦୁଇ ଓପନର ଶେଫାଳି ବର୍ମା ଓ ଲିଜେଲି ଲି ଆକ୍ରମଣାତ୍ମକ ବ୍ୟାଟିଂ କରି ୬୩ ରନ ସଂଗ୍ରହ କରିଥିଲେ। ଅଷ୍ଟମ ଓଭରରେ ବୈଷ୍ଣବୀ ଯୋଡ଼ି ଭାଙ୍ଗିଥିଲେ। ଶେଫାଳି ୨୯ ରନ କରି ଆଉଟ୍ ହୋଇଥିଲେ। ଲି' ୨୮ଟି ବଲ୍‌ରେ ୭ ଚୌକା ଓ ୧ ଛକା ବଳରେ ୪୬ ରନ କରି ଦଳୀୟ ସ୍କୋରକୁ ୮୪ରେ ପହଞ୍ଚାଇବା ପରେ ଆଉଟ୍ ହୋଇଥିଲେ। ମୂଳଦୁଆ ସୁଦୃଢ଼ ଥିବାରୁ ଦିଲ୍ଲୀ କ୍ୟାପିଟାଲ୍ସର ବିଜୟ ଆଶା ଉଜ୍ଜ୍ୱଳ ରହିଥିଲା। ଜେମିମା ରୋଡ୍ରିଗ୍ସ ଓ ଲୌରା ଉଲଭାର୍ଟ ଆଉ ୩୪ ରନ ଯୋଗ କରି ଦଳକୁ ବିଜୟ ନିକଟତର କରାଇ ଥିଲେ। ଉଲଭାର୍ଟ ୧୭ ରନ କରି ଆଉଟ୍ ହୋଇଥିଲେ। ଜେମିମା ଅପରାଜିତ ରହି ଅର୍ଦ୍ଧଶତକ ଅର୍ଜନ କରିବା ସହ ଦଳକୁ ବିଜୟୀ କରାଇ ଥିଲେ। ସେ ୩୭ଟି ବଲ୍‌ରୁ ୫ ଚୌକା ଓ ୧ଛକା ବଳରେ ୫୧ ରନ କରିଥିଲେ।

### ଆଇସିସି ଦିନିକିଆ ର‍୍ୟାଙ୍କିଂ

## ତଳକୁ ଖସିଲେ ବିରାଟ, ଟପ୍‌ରେ ନ୍ୟୁଜିଲାଣ୍ଡର ଡେରିଲି ମିଚେଲ

**ନୂଆଦିଲ୍ଲୀ**

ଆଇସିସିର ତାଜା ଦିନିକିଆ ର‍୍ୟାଙ୍କିଂରେ ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କୁ ଝଟ୍‌କା ଲାଗିଛି। ଏକ ନମ୍ବର ସ୍ଥାନରୁ ସେ ଦୁଇ ନମ୍ବରକୁ ଖସି ଛନ୍ତି। ନ୍ୟୁଜିଲାଣ୍ଡର ଡେରିଲି ମିଚେଲ ଏବେ ୧ ନମ୍ବର ସ୍ଥାନ ନେଇଯାଇଛନ୍ତି। ନିକଟରେ ମ୍ୟାଚ୍‌ରେ ସୁନ୍ଦର ପ୍ରଦର୍ଶନ କାରଣରୁ ମିଚେଲଙ୍କୁ ଏହି ସଫଳତା ମିଳିଛି, ସେଭଳି କୋହଲି ମଧ୍ୟ ଟେଷ୍ଟ ର‍୍ୟାଙ୍କିଂରୁ ତଳକୁ ଖସି ଯାଇଛନ୍ତି। ଉଲ୍ଲେଖନୀୟ ଯେ, କୋହଲି ଗତ ସପ୍ତାହରେ ରୋହିତ ଶର୍ମାଙ୍କୁ ପଛରେ ପକାଇ ନମ୍ବର-୧



ଓ୍ୱାନଡେ ବ୍ୟାଟର ହୋଇଥିଲେ। ସେବେଠାରୁ କୋହଲି ଜୁଲାଇ ୨୦୨୧ ପରେ ପ୍ରଥମ ଥର ନମ୍ବର-୧ ଓ୍ୱାନଡେ ବ୍ୟାଟର ପୋଜିସନକୁ ଫେରିଥିଲେ। କିନ୍ତୁ ମିଚେଲ ନିକଟରେ ସରିଥିବା ଓ୍ୱାନଡେ ସିରିଜରେ ଏଭଳି ପ୍ରଦର୍ଶନ କରିଥିଲେ ଯେ, କୋହଲି ତଳକୁ ଖସି ୨ ନମ୍ବରରେ ପହଞ୍ଚି ଯାଇଛନ୍ତି।

ମିଚେଲ ୮୪୫ ର‍୍ୟାଙ୍କିଂ ପଏଣ୍ଟ ରହିଛି, ସେଭଳି କୋହଲି ୭୯୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସି ଯାଇଛନ୍ତି। ଏହି ଦୁଇଜଣଙ୍କଠାରୁ ଖୁବ୍ ପଛରେ ରହିଛନ୍ତି ଇବ୍ରାହିମ୍ ଜାଦରାନ, ରୋହିତ ଶର୍ମା, ଶୁଭମନ ଗିଲ୍ ଓ ବାବର ଆଜମ୍‌ଙ୍କ ଭଳି ବଡ଼ ବ୍ୟାଟର। ଏହା ଦ୍ୱିତୀୟ ଥର ଯେତେବେଳେ ମିଚେଲ ଓ୍ୱାନ୍‌ଡେ ର‍୍ୟାଙ୍କିଂରେ ନମ୍ବର-୧ ସ୍ଥାନରେ ଥିଲେ। ଏହା ପୂର୍ବରୁ ଗତ ବର୍ଷ ନଭେମ୍ବରରେ ସେ କେବଳ ତିନି ଦିନ ପାଇଁ ଟପ୍‌ରେ ଥିଲେ, ଏହାପରେ ରୋହିତ ଶର୍ମା ତାଙ୍କ ସ୍ଥାନ ଛଡ଼ାଇ ନେଇଥିଲେ। ହେମିଲଟନରେ ଜନ୍ମିତ ଡେରିଲ୍ ମିଚେଲ୍ ବର୍ତ୍ତମାନ ନିଜ କ୍ୟାରିୟରର ସବୁଠାରୁ ସୁନ୍ଦର ଫର୍ମ ଭିତରୁ ଅନ୍ୟତମ। ସେ ତିନୋଟି ମ୍ୟାଚର ଓ୍ୱାନଡେ ସିରିଜରେ ମୋଟ ୩୫୨ ରନ୍ କରିଛନ୍ତି। ସେଭଳି ଦ୍ୱିତୀୟ ମ୍ୟାଚ୍ରେ ତାଙ୍କୁ 'ପ୍ଲେୟାର ଅଫ୍ ଦ ମ୍ୟାଚ୍'ରେ ସିଲେକ୍ଟ କରାଯାଇଛି, ଯେଉଁଠି ସେ ୧୧୭ ବଲ୍‌ରେ ଅପରାଜିତ ୧୩୧ ରନ୍ ଇଂନିସ ଖେଳିଥିଲେ। ଏହି ଇନିଂସର ସାହାଯ୍ୟରେ ନ୍ୟୁଜିଲାଣ୍ଡ ପ୍ରଥମ ସିରିଜ୍ ସମାନ ଓ ପରେ ସିରିଜ୍ ୨-୧ରେ ଜିତିଥିଲା।

ସିରିଜର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡ ପରାଜିତ ହୋଇଥିଲା, କିନ୍ତୁ ମିଚେଲ ସେହି ମୁକାବିଲାରେ ମଧ୍ୟ ୭୧ ବଲ୍‌ରେ ୮୪ ରନ୍ କରି ଟିମ୍ ପାଇଁ ସବୁଠାରୁ ଅଧିକ ରନ୍ କରିଥିଲା। ତିନୋଟି ମ୍ୟାଚ୍‌ର କୌଣସି ଓ୍ୱାନଡେ ସିରିଜ୍‌ରେ ୩୫୨ ରନ୍ କରିବା କୌଣସି ନ୍ୟୁଜିଲାଣ୍ଡ ଖେଳାଳିଙ୍କ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ସ୍କୋର। ଏହା ମୋଟ ଭାବରେ ଦୁନିଆର ତୃତୀୟ ସବୁଠାରୁ ବଡ଼ ସ୍କୋର। ତାଙ୍କଠାରୁ ଆଗରେ କେବଳ ପାକିସ୍ତାନର ବାବର ଆଜମ (୨୦୧୬ରେ ୱେଷ୍ଟଇଣ୍ଡିଜ୍ ବିରୋଧରେ ୩୬୦ ରନ୍) ଓ ଭାରତର ଶୁଭମନ ଗିଲ୍ (୨୦୨୩ରେ ନ୍ୟୁଜିଲାଣ୍ଡ ବିରୋଧରେ ୩୬୦ ରନ୍) କରିଛନ୍ତି। ମିଚେଲ ଲଗାତାର ଦୁଇଟି ଇନିଂସରେ ୧୩୦ ପ୍ଲସ୍ ରନ୍ କରିଛନ୍ତି।

Office of District Manager
Odisha State Civil Supplies Corporation Ltd. (OSCSC), Angul
Phone : 06764 230282
District Website : https://angul.odisha.gov.in/
Tender No. 151 & 152 Dt. 21.01.2026
Annexure-II
CAD-3078

District Manager, Odisha State Civil Supplies Corporation Ltd, Angul (District) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for Angul MPL & Talcher MPL transportation of foodgrains from 0SWC Angul / PEG Talcher to Retail Centers (FPS) of Angul MPL / Talcher MPL in Angul district of the State of Odisha respectively. |
| 2 | Availability of bid document in the portal | From 22.01.2026 * |
| 3 | Last Date / Time for receipt of bids in the portal | Dt 06.02.2026 up to 5.30 (PM). |
| 4 | Date/Time of Opening of Technical Bid | Dt 10.02.2026 , at 11.00 AM |
| 5 | Name and address of the Officer Inviting Tender | District Manager, OSCSC Ltd, Angul, At- O/o CSO-cum-DM, OSCSC Ltd, Angul, Near Rotary Public School, Biju Maidan, Angul |

Tender Documents & other details can be seen from the e-procurement portal www.oscsc.in, www.foododisha.in& www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/- District Manager
OSCSC Ltd. Angul

ବୀରମିତ୍ରପୁର ପୌରପାଳିକା କାର୍ଯ୍ୟାଳୟ; ବୀରମିତ୍ରପୁର
OFFICE OF THE BIRMITRAPUR MUNICIPALITY;
BIRMITRAPUR
Municipality Office Birmitrapur-770033 Tel:-0661-2610228
E-mail: -biramitrapurm.hud@od.gov.
No. 150 /BMPR-MUN/ Date 17.01.2026
ବୀରମିତ୍ରପୁର ପୌରପାଳିକା କାର୍ଯ୍ୟାଳୟ
ବୀରମିତ୍ରପୁର-୭୭୦୦୩୩
Municipality Office
Birmitrapur-770033
Tel:-0661-2610228
E-mail:-biramitrapurm.hud@od.gov.

Expression of Interest (EOI) For Engagement of Jalasathi.
C-2151

Biramitrapur Municipality invites Expression of Interest in sealed envelope from Interested Mission Shakti Group with recommendation of their eligible member to be engaged as Jalasathi during the year 2025-26. The sealed expression of interest should be submitted to the Biramitrapur Municipality on or before 30th January 2026 till 5 :00 P.M by registered/Speed Post only.

The EOIs will be opened on 3rd February 2026 (Tuesday) at 11 :00 A.M in the Council Hall of Biramitrapur Municipality. The sealed envelope should be super scribed with "EOI for engagement of Jalasathi 2025-2026".
Encl:- TERMS AND REFERENCE

Sd/- Executive Officer
Biramitrapur Municipality

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGNEER,
MAYURBHANJ IRRIGATION DIVISION, BARIPADA
e-mail: exen,mid@gmall.com FAX/TEL: 06792-296472
"E" PROCUREMENT NOTICE NO. 04MBJ/2026-26.
A-1310

| | | |
|---|---|---|
| 1. Name of works | : | Bank protection restoration works, |
| 2. Total no. of works | : | 08 (Eight) nos. of work. |
| 3. Estimated cost | : | Varies from Rs. 19.94 lakhs to Rs. 49.57 lakhs |
| 4. Class of Contractor | : | 'D' &'C and 'C' & 'B' and 'B' Class. |
| 5. Period of completion | : | As mentioned against work. |
| 6. Other details as follows | : | |
| (i) Procurement Officer | : | Superintending Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : | **22.01.2026 from 10.00 Hours to 05.02.2026 up to 17.00 Hours.** |
| (iii) Date, time and place of opening of Bid. | : | **On 06.02.2026 at 11.00 Hours in the O/o the Superintending Engineer, Mayurbhanj Irrigation Division, Baripada.** |
| **(iv) Date, time and place of Transparent Lottery (If required)** | : | **The Transparent Lottery will be held on dt. 18.02.2026 at 11.00 AM in the O/o the Undersigned.** |

7. Further details can be seen from the 'e' Procurement Portal http://tendersorissa.gov.in

Sd/- Superintending Engineer
Mayurbhanj Irrigation Division, Baripada

CUTTACK MUNICIPAL CORPORATION
'e'-PROCUREMENT NOTICE
Tender Call Notice No.988 (PW) Date 20.01.2026
Tender ID) : 2025_ORULB_123537
Bld Value Rs.3.49 Lakhs to Rs 23 10 Lakhs
Date and Time schedule

| Start | End | Opening |
|---|---|---|
| 1100 AM on dt 22 01 2026 | 5:00 PM on dt 05 02 2026 | 11:00 AM on dt 09 02 2026 |

Tender Details can be seen from the procurement portal
www.tendersorissa.gov.in

Sd/- Executive Engineer
City Division-II, CMC
OIPR-13001/4/2526

ଭୁବନେଶ୍ୱର
୨୨ ଜାନୁଆରୀ,
ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27





ଭୁବନେଶ୍ୱର : ଖଣ୍ଡଗିରି ପାଦଦେଶରେ ସାଧୁସନ୍ଥଙ୍କ ଆଗମନ : ରାଧାକୁଣ୍ଡ ନିକଟରେ ଯୋଗ କରିବା ଅବସରରେ ଓ ଦେବସଭାରେ ଯଜ୍ଞ ପ୍ରସ୍ତୁତିରେ ସାଧୁଗଣ। (ଫଟୋ : ସମ୍ବାଦ କଳିକା)

## ବିପଦରେ ପୁରୀ ଶ୍ରୀମନ୍ଦିର

# ସୋସିଆଲ ମିଡିଆରେ ଧମକ ପରେ ଆକ୍ସନରେ ପୋଲିସ

**ପୁରୀ ୨୧/୦୧ ନ୍ୟୁଜ ବ୍ୟୁରୋ**

ବିପଦରେ ପୁରୀ ଶ୍ରୀମନ୍ଦିର । ବୋମାରେ ଉଡ଼ାଇଦେବାକୁ ଆସିଥିଲା ଧମକ । ସୋସିଆଲ ମିଡିଆରେ ବୁଲୁଛି ଧମକପୂର୍ଣ୍ଣ ପୋଷ୍ଟ । ଏଭଳି ଭୟଙ୍କର ଧମକ ମିଳିବା ପରେ ଆକ୍ସନକୁ ଆସିଛି ପୁରୀ ପୋଲିସ । ଏସ୍‌ପି ପ୍ରତୀକ ସିଂ କହିଛନ୍ତି ପୁରୀ ପୋଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଛି । ପୁରୀ ସିଟି ଡିଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଛି। ଧମକପୂର୍ଣ୍ଣ ପୋଷ୍ଟ ଆସିଥିବା ସୋସିଆଲ ମିଡ଼ିଆ ଆକାଉଣ୍ଟର ୟୁଆରଏଲ୍ ଲିଙ୍କ୍‌କୁ ଯାଞ୍ଚ କରାଯାଉଛି। ତେବେ ସମସ୍ତ ଘଟଣା ସ୍ପଷ୍ଟ ହେବ ବୋଲି ପୁରୀ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ସେପଟେ ଶ୍ରୀମନ୍ଦିରରେ ବୋମା ପକାଇବା ନେଇ ସୋସିଆଲ ମିଡିଆରେ ଧମକ ଆସିବା ପରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଶ୍ରୀମନ୍ଦିର ବାହାର ଓ ଭିତରେ ବମ୍ ସ୍କ୍ୱାର୍ଡ ଦ୍ୱାରା ତନତନ କରି ଯାଞ୍ଚ କରାଯାଉଛି। ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଏବଂ ସ୍ୱତନ୍ତ୍ର କମାଣ୍ଡୋ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ପୁରୀ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି। ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କୁ ଗୁଳିମାଡ ପାଇଁ ସୋସିଆଲ ମିଡିଆରେ ଧମକ ଆସିଥିବାରୁ ସାଂସଦଙ୍କ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯିବା ନେଇ ପଦକ୍ଷେପ ନିଆଯାଇଛି ବୋଲି ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି। କହିବାକୁ ଗଲେ ମଙ୍ଗଳବାର ଫେସବୁକରେ ଜୁଲି ରାଣୀ ପଣ୍ଡା ନାମ ଧାରୀ ଏକ ଆକାଉଣ୍ଟ୍‌ରୁ ଏଭଳି ଧମକପୂର୍ଣ୍ଣ ପୋଷ୍ଟ ଆସିଥିଲା। ଯାହାକୁ ନେଇ ପୁରୀ ପୋଲିସ ତଦନ୍ତ ଚଳାଇଥିବା ବେଳେ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାପାଇଁ ସେବାୟତ ଦାବି କରିଛନ୍ତି। ସେପଟେ ଧମକ ପରେ ପ୍ରଧାନମନ୍ତ୍ରୀ, ବାଚସ୍ପତି ଓ ଡିଜିଙ୍କୁ ସୁରକ୍ଷା ପାଇଁ ଚିଠି ଲେଖିଛନ୍ତି ସାଂସଦ ଶୁଭାଶିଷ୍ ଖୁଣ୍ଟିଆ। ଏଭଳି ଘଟଣାକୁ ନିନ୍ଦା କରିଛନ୍ତି ସେବାୟତମାନେ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଦୁର୍ଲଭ ପଦ୍ମ ବେଶ ନୀତି ସମ୍ପନ୍ନ

**ପୁରୀ ୨୧।୦୧ ନ୍ୟୁଜ ବ୍ୟୁରୋ**



ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଦୁର୍ଲଭ ପଦ୍ମ ବେଶ ଅନୁଷ୍ଠିତ ହୋଇଯାଇଛି। କଳାଘୋଡ ସହ ପଦ୍ମଫୁଲରେ ସଜ୍ଜିତ ହୋଇଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରା। ଏଥିପାଇଁ ବଡ଼ଛତା ମଠ ତତ୍ତ୍ୱାବଧାନରେ ଶ୍ରୀମନ୍ଦିରର ପାରମ୍ପରିକ ବେଶ କାରିଗରମାନେ ହବିଷାନ୍ନ ଗ୍ରହଣ କରି ବେଶ୍ ନିଷ୍ଠାର ସହ ପଦ୍ମବେଶ ନିର୍ମାଣ କରିଥିଲେ। ପଣ୍ଡୁ ପୂର୍ଣ୍ଣିମା ଠାରୁ ମହାପ୍ରଭୁଙ୍କ ପାଇଁ ପଦ୍ମବେଶ ପ୍ରସ୍ତୁତ ଆରମ୍ଭ ହୋଇଥାଏ। ବୁଧବାର ଏହି ପଦ୍ମ ବେଶରେ ଶ୍ରୀଜୀଉଙ୍କୁ ସଜାଯାଇଥିଲା। ସୋଲ, ଜରି, ଜମ୍ବୁରା, କଇଁଥ ଅଠା, ବାଉଁଶ, ବେତ ଓ ବିଭିନ୍ନ ପ୍ରକାରର କନା ବ୍ୟବହାର କରି ଏହି ବେଶ ତିଆରି କରାଯାଇଥିଲା। ଏହି ବେଶ ନିର୍ମାଣ କାର୍ଯ୍ୟରେ ଦରଜୀ ଓ ଚିତ୍ରକର ସେବକ ମଧ୍ୟ ନିୟୋଜିତ ହୋଇଥିଲେ। କରପଲ୍ଲବ, ହଂସ, ଡ଼ାଳି, ଶ୍ରୀମୁଖ ପଦ୍ମ, ସିଂହାସନ ସହ ଗଛ, ଶ୍ରୀହସ୍ତ ପଦ୍ମ କଢ, ପଦ୍ମଫୁଲ ଓ ଚୂଳ ପ୍ରସ୍ତୁତ କରାଯାଇଥିଲା। ବଡ଼ଛତା ମଠ ମହାପ୍ରଭୁଙ୍କ ପାଇଁ ଏହି ପଦ୍ମବେଶ ଯୋଗାଇ ଆସୁଛନ୍ତି। ବୁଧବାର ସନ୍ଧ୍ୟାରେ ଏହି ବେଶ ଶ୍ରୀମନ୍ଦିରକୁ ନିଆଯାଇଥିଲା। ବୁଧବାର ରାତିରେ ବଡ଼ସିଂହାର ବେଶରେ ମହାପ୍ରଭୁ ପଦ୍ମବେଶରେ ସଜ୍ଜିତ ହୋଇଥିଲେ। ଗୁରୁବାର ମଙ୍ଗଳ ଆଳତୀ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଏହି ବେଶ ଦର୍ଶନ କରିବାର ସୁଯୋଗ ପାଇବେ ଭକ୍ତ ଓ ସେବାୟତ। ସେହିପରି ଶ୍ରୀମନ୍ଦିରରେ ପଡ଼ିଲା ରକ୍ତଛିଟା। ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ। ବୁଧବାର ସର୍ବସାଧାରଣ ଦର୍ଶନ ଚାଲୁଥିବା ସମୟରେ ଭିତର କାଠ ନିକଟରେ ରକ୍ତ ଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ଅବକାଶ ପୂଜା ଶେଷ ହେବା ପରେ ଠାକୁରଙ୍କ ବଡ଼ ମହାସ୍ନାନ ନୀତି ହୋଇଛି। ବଡ଼ ମହାସ୍ନାନ ଯୋଗୁ ଏବେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି। ବଡ଼ ମହାସ୍ନାନ ନୀତି ସରିବା ପରେ ପୁନର୍ବାର ସର୍ବସାଧାରଣ ଦର୍ଶନ ଚାଲୁ ରହିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## କିସ୍‌ରେ ୬୬ତମ ପ୍ରୌଢ଼ ଶିକ୍ଷା ସମ୍ମିଳନୀ ଉଦ୍‌ଘାଟିତ

# ଶିକ୍ଷା ସହ ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ କିଟ୍ ଓ କିସ୍‌ର ରହିଛି ଉଲ୍ଲେଖନୀୟ ଯୋଗଦାନ

**ଭୁବନେଶ୍ୱର, ୨୧।୧**
**ନ୍ୟୁଜ ବ୍ୟୁରୋ**




କିସ୍‌ରେ ବୁଧବାର ସର୍ବଭାରତୀୟ ପ୍ରୌଢ଼ ଶିକ୍ଷା ସମ୍ମିଳନୀ ଆରମ୍ଭ ହୋଇଛି। ସାମଗ୍ରିକ ଜାତୀୟ ବିକାଶରେ ପ୍ରୌଢ଼ ଶିକ୍ଷାର ଭୂମିକା ଉପରେ ଆଲୋଚନା ନିମନ୍ତେ ଏହି ସମ୍ମିଳନୀରେ ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ ଏବଂ ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଏଥିରେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀ ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘ ଓ କିସ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘ ପକ୍ଷରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନୀତ କରାଯାଇଥିଲା। ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ ଡ. ସାମନ୍ତଙ୍କ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ.ସାମନ୍ତ କହିଲେ, ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତ୍ତନକୁ ଗୁରୁତ୍ୱ ଦେଇ ସେ ଦୀର୍ଘ ୩୦ବର୍ଷ ହେଲା ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି। ଆନୁଷ୍ଠାନିକ ଶିକ୍ଷା ସହ ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ କିଟ୍ ଓ କିସ୍‌ର ଉଲ୍ଲେଖନୀୟ ଯୋଗଦାନ ରହିଛି ବୋଲି ସେ କହିଥିଲେ। ଏ ନେଇ ଶ୍ରୀ ସାମନ୍ତ କିସ୍ ରେ ଅନୁସୃତ ମଡେ଼ଲ୍ ସମ୍ପର୍କରେ ଉଲ୍ଲେଖ କରି କହିଥିଲେ, ଶ୍ରେଣୀଗୃହ ବାହାରେ ଶିକ୍ଷାକୁ ପହଞ୍ଚାଇବା ପାଇଁ କିସ୍‌ର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରାଯାଇଥାଏ। ପ୍ରତିବର୍ଷ ବିଦ୍ୟାଳୟ ଛୁଟି ସମୟରେ ଛାତ୍ରଛାତ୍ରୀମାନେ ନିଜ ନିଜ ଗାଆଁକୁ ଫେରିବା ବେଳେ ସେମାନଙ୍କୁ ନିଜ ଗାଁରେ ଅତିକମ୍‌ରେ ୧୦ଜଣ ନିରକ୍ଷରଙ୍କୁ ସାକ୍ଷର କରିବା ପାଇଁ ପରାମର୍ଶ ଦିଆଯାଇଥାଏ। ତୃଣମୂଳ ସ୍ତରରେ ଯେତେବେଳେ ଶିକ୍ଷା ପହଞ୍ଚେ ଏହା ବହୁ ଗୁଣିତ ହୋଇଥାଏ ବୋଲି ସେ କହିଥିଲେ। ଏଥିସହ ଡ. ସାମନ୍ତ ଜନଜାତି ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ସେବା, ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ କିଟ୍ ଓ କିସ୍‌ର ଉଲ୍ଲେଖନୀୟ ଯୋଗଦାନ ଉପରେ ଆଲୋକପାତ କରିଥିଲେ। ପ୍ରୌଢ଼ ଶିକ୍ଷା ସାମାଜିକ ପରିବର୍ତ୍ତନର ଏକ ପ୍ରମୁଖ ମାଧ୍ୟମ ବୋଲି ସେ କହିଥିଲେ ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘର ସଭାପତି ପ୍ରଫେସର ଏଲ୍. ରାଜା, ସାଧାରଣ ସମ୍ପାଦକ ସୁରେଶ ଖଣ୍ଡେଲ୍‌ୱାଲ, ଆଇଏଇଏର ନିର୍ଦ୍ଦେଶକ ପ୍ରଫେସର ରାଜେଶ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ଲୋକଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା, ଅଜ୍ଞତା ଓ ନିରକ୍ଷରତା ଦୂରକରିବା, ଆନ୍ତଃ ରାଜ୍ୟ ସହଯୋଗକୁ ପ୍ରୋତ୍ସାହିତ କରିବା, ସାଧାରଣ ଲୋକଙ୍କ ପାଇଁ ପଠନ ସାମଗ୍ରୀ ପ୍ରସ୍ତୁତ ଓ ବଣ୍ଟନ ଏବଂ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ ଅଂଶ ଗ୍ରହଣ କରିବା ପାଇଁ ଉତ୍ସାହିତ କରିବା ହେଉଛି ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘର ପ୍ରମୁଖ କାର୍ଯ୍ୟ।

# ୨ ସପ୍ତାହ ମଧ୍ୟରେ ଦୁଷ୍କର୍ମ ପୀଡ଼ିତାଙ୍କ ଗର୍ଭପାତ କରିବାକୁ ହାଇକୋର୍ଟଙ୍କ ଅନୁମତି

**କଟକ, ୨୧/୦୧**
**ନ୍ୟୁଜ ବ୍ୟୁରୋ**

ଜଣେ ଦୁଷ୍କର୍ମ ପୀଡ଼ିତାଙ୍କ ଆବେଦନ ଉପରେ ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଛନ୍ତି। ପୀଡ଼ିତାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଅଦାଲତ ତାଙ୍କୁ ଗର୍ଭପାତ ଏବଂ ଭ୍ରୁଣର ଡିଏନଏ ପରୀକ୍ଷା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ପୀଡ଼ିତା ଜଣକ ୨୦୨୬ ଜାନୁଆରୀ ୧୨ ତାରିଖରେ ହାଇକୋର୍ଟରେ ଏକ ପିଟିସନ ଦାଏର କରିଥିଲେ । ଏଥିରେ ସେ ଦର୍ଶାଇଥିଲେ ଯେ, ତାଙ୍କର ଏହି ଗର୍ଭଧାରଣ ଅନିଚ୍ଛାକୃତ ଏବଂ ଏହା ଏକ ଦୁଷ୍କର୍ମ ମାମଲା ସହ ଜଡ଼ିତ। ତେଣୁ ଗର୍ଭପାତ ପାଇଁ ଅନୁମତି ଦିଆଯାଉ । ପୂର୍ବରୁ ସେ ରାଉରକେଲା ମହିଳା ଥାନାରେ ଏନେଇ ଅଭିଯୋଗ କରିଥିଲେ, ଯାହାକୁ 'ଜିରୋ ଏଫଆଇଆର' ଭାବେ ରୁଜୁ କରାଯାଇ ପରେ ବିଞ୍ଝାରପୁର ଥାନାକୁ ହସ୍ତାନ୍ତର କରାଯାଇଥିଲା। ବିଚାରପତି ଜଷ୍ଟିସ ସାବିତ୍ରୀ ରଥଙ୍କ ଇଜିଲାସରେ ଏହି ମାମଲାର ଶୁଣାଣି ଚାଲିଥିଲା। ଶୁଣାଣି ସମୟରେ କୋର୍ଟଙ୍କ ନଜରକୁ ଆସିଥିଲା ଯେ, ପୀଡ଼ିତାଙ୍କ ଗର୍ଭାବସ୍ଥା ବର୍ତ୍ତମାନ ପ୍ରାୟ ୨୧ ସପ୍ତାହ ୪ ଦିନରେ ପହଞ୍ଚିଛି। ମେଡିକାଲ ଟର୍ମିନେସନ ଅଫ ପ୍ରେଗନେନ୍ସି ଆକ୍ଟ ଅନୁଯାୟୀ, ଗର୍ଭପାତ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ସେପ୍ଟେମ୍ବର ୨୦୨୫ରେ ଜାରି କରାଯାଇଥିବା ସ୍ୱତନ୍ତ୍ର ଏସଓପି ଆଧାରରେ ନାବାଳିକା ଏବଂ ଜଟିଳ ପରିସ୍ଥିତିରେ ଗର୍ଭପାତ ପାଇଁ ବ୍ୟବସ୍ଥା ରହିଛି। ପୀଡିତାଙ୍କ ଆବେଦନକୁ ଗ୍ରହଣ କରି ଅଦାଲତ ତାଙ୍କୁ ଦୁଇ ସପ୍ତାହ ମଧ୍ୟରେ ଗର୍ଭପାତ ପାଇଁ ଅନୁମତି ଦେବା ସହ ଭ୍ରୁଣର ନମୁନା ସଂଗ୍ରହ କରି ତାହାର ଡିଏନଏ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅଭିଯୁକ୍ତ ବିରୋଧରେ ପ୍ରମାଣ ଭାବେ ବ୍ୟବହୃତ ହେବ। ମାମଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ପୀଡ଼ିତାଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇଦେବାକୁ କୋର୍ଟ କହିଛନ୍ତି। ଏ ନେଇ ଆବେଦନାକାରୀ ଓକିଲ ସୁଶାନ୍ତ ଶେଖର ପରିଡା କହିଛନ୍ତି, ପୀଡିତା ଗର୍ଭପାତ ପାଇଁ ପ୍ରଥମେ ଏସଡିଜେଏମରେ ଆବେଦନ କରି ଗର୍ଭପାତ ପାଇଁ ଅନୁମତି କରିଥିଲେ ଯାହା ଖାରଜ ହୋଇ ଯାଇଥିଲା। ପରେ ସେ ଯାଜପୁର ଡିଷ୍ଟିକ କୋର୍ଟରେ ଆବେଦନ କରିଥିଲେ। ସେଠାରେ ମଧ୍ୟ ଖାରଜ ହୋଇ ଯାଇଥିଲା। ଏହା ପରେ ପୀଡିତା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହାର ବୁଧବାର ଶୁଣାଣି କରି ହାଇକୋର୍ଟ ଏପରି ରାୟ ଦେଇଛନ୍ତି ।



# ସୁପ୍ରିମକୋର୍ଟଙ୍କ ରାୟ : କେନ୍ଦ୍ର କର୍ମଚାରୀଙ୍କ ଦୁର୍ନୀତିର ତଦନ୍ତ କରିପାରିବ ରାଜ୍ୟ

**ନୂଆଦିଲ୍ଲୀ, ୨୧/୦୧**



କେନ୍ଦ୍ର କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ମାମଲା ନେଇ ରାଜ୍ୟ ପୁଲିସକୁ ଯାଞ୍ଚ କରିବାର ପୂରା ଅଧିକାର ରହିଛି । ଯାଞ୍ଚ ଶେଷ କରିବା ପରେ ରାଜ୍ୟ ପୁଲିସ ଚାର୍ଜସିଟ୍ ମଧ୍ୟ ଦାଖଲ କରିପାରିବ। ସେହିପରି କେନ୍ଦ୍ର କର୍ମଚାରୀଙ୍କ ବିରୋଧରେ ମାମଲା ପୂର୍ବରୁ ରାଜ୍ୟ ପୁଲିସକୁ ସିବିଆଇଠାରୁ ପୂର୍ବ ଅନୁମତି ଆଣିବାର ଆବଶ୍ୟକତା ନାହିଁ । ଦୁର୍ନୀତି ନିବାରଣ ଅଧିନିୟମ ସହ ସମ୍ବନ୍ଧିତ ଏକ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଷ୍ଟିସ୍ ଜେବି ପାରଦିୱାଲା ଏବଂ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା । ଏହି ସମୟରେ ଖଣ୍ଡପୀଠ କହିଥିଲେ ଯେ, ଦୁର୍ନୀତି ନିବାରଣ ଅଧିନିୟମ ଅନୁସାରେ ଅପରାଧର ଯାଞ୍ଚ ରାଜ୍ୟ ଏଜେନ୍ସି କିମ୍ବା କେନ୍ଦ୍ରୀୟ ଏଜେନ୍ସି କିମ୍ବା କୌଣସି ପୁଲିସ ଏଜେନ୍ସି ଦ୍ୱାରା କରାଯାଇପାରିବ । ସର୍ତ୍ତ ହେଲା ପୁଲିସ ଅଧିକାରୀ ଏକ ବିଶେଷ ର୍‍ୟାଙ୍କ୍‌ର ହେବା ଆବଶ୍ୟକ । ଏଥିନେଇ ଅଧିନିୟମର ଧାରା ୧୭ରେ ଉଲ୍ଲେଖ ରହିଛି । ଧାରା ୧୭ ରାଜ୍ୟ ପୁଲିସ କିମ୍ବା ରାଜ୍ୟର କୌଣସି ବିଶେଷ ଏଜେନ୍ସିକୁ କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ବିରୋଧରେ ଲାଞ୍ଚ, ଦୁର୍ନୀତି, କଦାଚାର ସମ୍ବନ୍ଧୀୟ ମାମଲା ରୁଜୁ କରିବା କିମ୍ବା ଯାଞ୍ଚ କରିବାରୁ ରୋକେ ନାହିଁ । କାମରେ ସୁବିଧା ହେବାକୁ ସିବିଆଇକୁ କେନ୍ଦ୍ର କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ଏବଂ ଲାଞ୍ଚ ମାମଲାର ତଦନ୍ତ କରିବାର ଦାୟିତ୍ୱ ଦିଆଯାଇଛି । ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଦୁର୍ନୀତି ନିରୋଧୀ ବ୍ୟୁରୋକୁ ରାଜ୍ୟ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ଏବଂ ଲାଞ୍ଚ ମାମଲାର ତଦନ୍ତ ଦାୟିତ୍ୱ ମିଳିଛି। ଦୁର୍ନୀତି ନିବାରଣ ଆଇନ ଅନୁସାରେ ମାମଲାଗୁଡ଼ିକ ଗମ୍ଭୀର ଶ୍ରେଣୀର ହୋଇଥାଏ । ତେଣୁ ରାଜ୍ୟ ପୁଲିସ ଏହାର ଯାଞ୍ଚ କରିପାରିବ। ଏଥିସହ କେନ୍ଦ୍ର ସରକାରଙ୍କ ଜଣେ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ମାମଲାକୁ ରଦ୍ଦ କରିବାକୁ ମନା କରିବା ନେଇ ରାଜସ୍ଥାନ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ବଳବତ୍ତର ରଖିଛନ୍ତି। ନିଜ ରାୟରେ ରାଜସ୍ଥାନ ହାଇକୋର୍ଟ କହିଥିଲେ ଯେ, ଅଭିଯୁକ୍ତ କେନ୍ଦ୍ର ସରକାରଙ୍କ କର୍ମଚାରୀ । କିନ୍ତୁ ରାଜସ୍ଥାନ ଦୁର୍ନୀତି ନିରୋଧୀ ବ୍ୟୁରୋ ଦୁର୍ନୀତି ନିବାରଣ ଅଧିନିୟମର ପ୍ରାବଧାନ ଅନୁସାରେ ଅପରାଧିକ ମାମଲା ରୁଜୁ କରିଛି । ତେଣୁ ଏଜେନ୍ସିକୁ ମାମଲାର ତଦନ୍ତ ନେଇ ପୂରା ଅଧିକାର ରହିଛି । ଏହି ସମୟରେ ସିବିଆଇ ନିକଟରୁ ଅନୁମତି ନ ମିଳିବା ଯାଏ ମାମଲାକୁ ଆଗକୁ ବଢ଼ାଯାଇପାରିବ ନାହିଁ ବୋଲି ଦର୍ଶାଯାଇଥିବା ତର୍କକୁ ହାଇକୋର୍ଟ ଖାରଜ କରିଥିଲେ।




## ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ବନଖଣ୍ଡରେ ଢିଲା ସୁରକ୍ଷା ବ୍ୟବସ୍ଥା : ବିଦେଶାଗତ ପକ୍ଷୀମାନଙ୍କ ପାଇଁ ବଢୁଛି ବିପଦ

**ଆଠଗଡ଼/କେନ୍ଦ୍ରାପଡା, ୨୧/୦୧**
**ନ୍ୟୁଜ ବ୍ୟୁରୋ**



ଶୀତ ଆସିଲେ ବିଭିନ୍ନ ପ୍ରକାରର ପକ୍ଷୀଙ୍କ କଳରବରେ ମୁଖରିତ ହୋଇଉଠେ. ବନଖଣ୍ଡ। ଆଠଗଡ଼ରେ ଥିବା ବିଭିନ୍ନ ଆର୍ଦ୍ରଭୂମି ଅଞ୍ଚଳ ସହିତ ଅନ୍ୟାନ୍ୟ ଜଳାଶୟରେ ଦେଶୀ ସହିତ ବିଦେଶାଗତ ପକ୍ଷୀଙ୍କର ଭିଡ଼ ଜମେ। ବିଗତ ବର୍ଷମାନଙ୍କରେ ଯେତିକି ପରିମାଣର ଏହି ପକ୍ଷୀ ସବୁ ଆସୁଥିଲେ ଚଳିତ ବର୍ଷ ପକ୍ଷୀମାନଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ମାତ୍ର ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁଁ ବିଦେଶାଗତ ପକ୍ଷୀମାନଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି । ଏ ଦିଗରେ ବନ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପରିବେଶବିତମାନେ ଦାବି କରିଛନ୍ତି । ଆଠଗଡ଼ ବନଖଣ୍ଡର ପାଞ୍ଚୋଟି ରେଞ୍ଜ ଆଠଗଡ଼, ଖୁଣ୍ଟୁଣୀ, ବଡ଼ମ୍ବା ନରସିଂହପୁର ପୂର୍ବ ଏବଂ ନରସିଂହପୁର ପଶ୍ଚିମ ରେଞ୍ଜରେ ପକ୍ଷୀ ଗଣନା ଶେଷ ହୋଇଛି । ବନ କର୍ମଚାରୀଙ୍କ ସହିତ ବିଶେଷଜ୍ଞ, ସ୍ୱେଚ୍ଛାସେବୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ୪୦ଟି ଦଳର ୧୬୦ ଜଣ ଏହି ପକ୍ଷୀ ଗଣନା କରିଥିଲେ। ଖୁଣ୍ଟୁଣୀ ରେଞ୍ଜରେ ୭୩୧୧, ଆଠଗଡ଼ ରେଞ୍ଜରେ ୭୫୨୫, ବଡମ୍ବା ରେଞ୍ଜରେ ୨୫୨୦, ନରସିଂହପୁର ପୂର୍ବ ରେଞ୍ଜରେ ୬୫୬୬ ଏବଂ ନରସିଂହପୁର ପଶ୍ଚିମ ରେଞ୍ଜରେ ୧୬୬୩ ଟି ପକ୍ଷୀ ଗଣନା କରା ଯାଇଥିବା ଜଣାପଡିଛି। ଚଳିତ ବର୍ଷ ସମୁଦାୟ ୯୫ ପ୍ରଜାତିର ୨୫୫୮୫ଟି ପକ୍ଷୀ ଗଣନା କରାଯାଇଥିବା ଜଣାପଡିଛି । ସେମାନଙ୍କ ମଧ୍ୟରୁ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ୨୫୦୦ରୁ ଅଧିକ ଥିବା ବେଳେ ବାକି ଦେଶୀ ଓ ବିଭିନ୍ନ ପ୍ରଜାତିର ପକ୍ଷୀ ରହିଥିବା କୁହାଯାଇଛି । ବିଦେଶାଗତ ପକ୍ଷୀମାନଙ୍କ ମଧ୍ୟରେ ବିରଳ ପାଣିଚିରି, ଗଡ଼ ୱାଲ୍, ଆଇବିସ୍ ଭଳି ପ୍ରଜାତି ରହିଥିବା ବେଳେ ଦେଶୀ ପ୍ରଜାତିର ପକ୍ଷୀଙ୍କ ମଧ୍ୟରେ ବଗ, ଗେଣ୍ଡାଳିଆ, କପୋତ, ଟେଣ୍ଟେଇ, ଚକୁଆ ଚକାଇ, କାମ ଚଢ଼େଇ, ହଂସରାଳୀ ଆଦି ରହିଛନ୍ତି। ବନ ବିଭାଗର ସୂଚନା ଅନୁସାରେ, ଗତବର୍ଷ ୧୯ ହଜାରରୁ ଅଧିକ ପକ୍ଷୀ ଗଣତି ହୋଇଥିଲା। କିନ୍ତୁ ଏହି ପକ୍ଷୀମାନେ ଶିକାରୀମାନଙ୍କ ନଜରରୁ ବଞ୍ଚିପାରୁ ନାହାନ୍ତି । ଏହି ସମୟରେ ପକ୍ଷୀ ଶିକାରୀମାନେ ସକ୍ରିୟ ହେବା ସହ ନଜର ଆଢୁଆଳରେ ଦେଶୀ ସହିତ ବିଦେଶାଗତ ଅତିଥି ପକ୍ଷୀ ଶିକାର କରୁଥିବା ଅଭିଯୋଗ ହେଉଛି । ଏମାନଙ୍କ ମାଂସ ବଜାରରେ ଚଢ଼ା ଦରରେ ବେଆଇନ ଭାବେ ବିକ୍ରି ହେଉଛି। ବିଶେଷକରି ଅନ୍ୟତମ ବିଶିଷ୍ଟ ଆର୍ଦ୍ରଭୂମି ଅଂଶୁପାରେ ପକ୍ଷୀମାନେ ଅଧିକ ଅସୁରକ୍ଷିତ। ଶିକାରୀମାନେ ଜାଲ ବିଛାଇ କିମ୍ବା ବିଷଦେଇ ଅବାଧ ଶିକାର କରୁଛନ୍ତି । ପକ୍ଷୀମାନଙ୍କର ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ବିଭିନ୍ନ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି କୁହାଯାଉଥିଲା ବେଳେ ବାସ୍ତବରେ ତାହା କ୍ଷେତ୍ରରେ କାମ କରୁ ନଥିବା ଜଣାପଡ଼ିଛି । ବିଭାଗୀୟ ଅଧିକାରୀଙ୍କ ପକ୍ଷୀ ଶିକାର ଭଳି ସମ୍ବେଦନଶୀଳ ଘଟଣାରେ ଉଦାସୀନତା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି । ସେହିପରି ବିଶ୍ୱପ୍ରସିଦ୍ଧ କେନ୍ଦ୍ରାପଡଶ ଜିଲ୍ଲା ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି ବୋଲି ବନ ବିଭାଗ ପକ୍ଷରୁ ହୋଇଥିବା ଗଣନା ରିପୋର୍ଟରୁ ଏହା ଜଣାପଡିଛି। ଗତବର୍ଷ ଭିତରକନିକାରେ ୧ ଲକ୍ଷ ୫୧ ହଜାର ୬୧୪ଟି ପକ୍ଷୀ ଭିଡ଼ ଜମାଇଥିବା ବେଳେ ଚଳିତବର୍ଷ ଭିତରକନିକାକୁ ୧ ଲକ୍ଷ ୫୨ ହଜାର ୭୬୨କୁ ବୃଦ୍ଧି ପାଇଛି। ଅର୍ଥାତ ଗତବର୍ଷ ଠାରୁ ଚଳିତବର୍ଷ ଭିତରକନିକାକୁ ୧୧୪୮ ଟି ପକ୍ଷୀ ଅଧିକ ଆସିଥିବା ଜଣାପଡିଛି। ଭିତରକନିକାରେ ଗତ ୪ ବର୍ଷ ହେଲା ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ପକ୍ଷୀଙ୍କ ପ୍ରଜାତି ସଂଖ୍ୟା କ୍ରମାଗତ ଭାବେ କମିବାରେ ଲାଗିଛି । ୨୦୨୩ ମସିହାରେ ୧୩୯ ପ୍ରଜାତିର ବିଦେଶୀ ପକ୍ଷୀ ଭିତରକନିକାକୁ ଆସିଥିବା ବେଳେ ୨୦୨୪ ମସିହାରେ ୧୨୧ ପ୍ରଜାତିର, ୨୦୨୫ରେ ୧୧୮ ପ୍ରଜାତିର ଓ ଚଳିତବର୍ଷ ୧୦୬ ପ୍ରଜାତିର ବିଦେଶୀ ପକ୍ଷୀ ଭିତରକନିକାକୁ ଆସିଥିବା ଗଣନା ରିପୋର୍ଟରୁ ଜଣାପଡିଛି । କ୍ରମାଗତ ଭାବେ ପକ୍ଷୀଙ୍କ ପ୍ରଜାତି କମିବା ଶୁଭ ଲକ୍ଷଣ ନୁହେଁ ବୋଲି କୁହାଯାଉଛି। ଯେତେ ଅଧିକ ପ୍ରଜାତିର ପକ୍ଷୀ ଭିତରକନିକାକୁ ଆସିବେ ଭିତରକନିକାର ଜୈବ ବିବିଧତା ସେତେ ସୁଦୃଢ଼ ବୋଲି ଧରାଯାଏ। ଚଳିତବର୍ଷ ଭିତରକନିକାରେ ଗ୍ରେଟ ବିଟର୍ଣ୍ଣ ଜାତୀୟ ପକ୍ଷୀଙ୍କୁ ପ୍ରଥମଥର ପାଇଁ ଦେଖିବାକୁ ମିଳିଛି। ଗହୀରମଥା ଅଞ୍ଚଳରେ ଏହି ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଚଳିତବର୍ଷ ଭିତରକନିକାରେ ବିରଳ କମନସେଲ ଡକ, କମନ ଟିଲ, ଆବୋସେଟ ଓ ଗଡୱିକ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଗଡୱିକ ଜାତୀୟ ପକ୍ଷୀ ଅନ୍ୟ ସ୍ଥାନରେ କମ୍ ଦେଖାଯାଉଥିବା ବେଳେ ଭିତରକନିକାରେ ଏମାନଙ୍କ ସଂଖ୍ୟା ଅଧିକ ରହିଛି। ଏହାବାଦେ ଭିତରକନିକାରେ କମନ ସୋଲଭର ଜାତୀୟ ପକ୍ଷୀଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ଗ୍ରେବସ ଗୋଟିଏ ପ୍ରଜାତିର ୨୫୯ଟି, କରମୋରାନ୍‌ଟସ ଆଣ୍ଡ ଡାର୍ଟର ଜାତୀୟ ୪ ପ୍ରଜାତିର ୬୧୨୧ଟି, ହେରନଓ ଓ ଇଗ୍ରେଟ୍ସ ଜାତୀୟ ୧୪ ପ୍ରଜାତିର ୧୩୧୮୩ଟି, ଷ୍ଟୋର୍କସ ଜାତୀୟ ୪ ପ୍ରଜାତିର ୩୫୩୩ଟି, ଇବିସେସ ଏବଂ ସ୍ପୁନବିଲ ଜାତୀୟ ୨ ପ୍ରଜାତିର ୧୯୭୨ଟି , ଗିଜ ଏବଂ ଡକସ ଜାତୀୟ ୧୪ ପ୍ରଜାତିର ୯୩୮୨୧ଟି , ରେଲସ, ଗାଲିନଲସ ଏବଂ କୁଟ ଜାତୀୟ ୬ ପ୍ରଜାତିର ୨୨୯୬ଟି ଫିନଫୁଟ ଏବଂ ଜାକାନାସ ୨ ପ୍ରଜାତିର ୭୨୪ ଟି, ସୋରବାର୍ଡ ୱାଡର୍ସ ଜାତୀୟ ୨୬ ପ୍ରଜାତିର ୯୦୯୩ ଟି, ଗଲ୍‌ସ, ଟରନ୍‌ସ ଏବଂ ସ୍କିମରସ ଜାତୀୟ ୯ ପ୍ରଜାତିର ୧୭୬୪୩ ଟି ଏବଂ ଅନ୍ୟାନ୍ୟ ୨୪ ପ୍ରଜାତିର ବିଦେଶୀ ପକ୍ଷୀ ୪୦୦୨ ଟି ଗଣନା ବେଳେ ଚିହ୍ନଟ କରାଯାଇଛି । ଏହି ପକ୍ଷୀଗୁଡିକ ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ହିମାଳୟ ପାଦ ଦେଶ, ଲଦାଖ, ସାଇବେରିଆ, ଚୀନ, ରୁଷିଆ, ଉତର ଗୋଲାର୍ଦ୍ଧରୁ ହଜାର ହଜାର କିଲୋମିଟର ଅତିକ୍ରମ କରି ଆସିଥାନ୍ତି। ସେମାନେ ରହୁଥିବା ଦେଶର ହ୍ରଦ ଓ ଜଳାଶୟ ଗୁଡିକ ବରଫ ପାଲଟିଯାଏ । ସେମାନେ ସେଠାରେ ଖାଇବାକୁ ନପାଇ ଭାରତ ଭଳି ଗରମ ପ୍ରବଣ ଦେଶକୁ ଶୀତଋତୁରେ ଆସିଥାନ୍ତି । ଶୀତ ପରେ ପୁଣି ସେମାନେ ସେମାନଙ୍କ ଦେଶକୁ ଫେରି ଯାଇଥାନ୍ତି । ପୂର୍ବରୁ ଆସିଥିବା ପକ୍ଷୀ ଅଧିକାଂଶ ସମୟରେ ପୁନର୍ବାର ସେହି ସ୍ଥାନକୁ ଆସିଥାନ୍ତି। ୧୮ଟି ଟିମ ଭିତରକନିକା ଅଭୟାରଣ୍ୟର ମହାନଦୀ ଡେଲଟା ସମେତ ରାଇପାଟିଆ, ସାତଭାୟା ଘେରି, ସାତଭାୟାର ବିସ୍ତୀର୍ଣ୍ଣ ଆର୍ଦ୍ରଭୂମୀ, ଜମ୍ବୁ, ବତୀଘର, ବରୁଣେଇ ମୁହାଁଣ, ପ୍ରହରାଜପୁର, କଂସାରିପାଟିଆ, ଖୋଳା, ନଳିତାପାଟିଆ, ଦୁର୍ଗାପୁରମୁହାଁଣ, ଲକ୍ଷ୍ମୀପ୍ରସାଦଡିଆଁ, କାଳିଭଂଜଡିଆଁ, ମଗରକନ୍ଦା, ଚିଂଚିରି ମାଉଥ, ଚିତଉକୋଲ୍ଲା, ଭିତରକନିକାମାଉଥ, ଏକମାଣିଆ, ରାଜଗଡ ପ୍ରଭୃତି ସ୍ଥାନ ମାନଙ୍କରେ ଏହି ଗଣନା କାର୍ଯ୍ୟ କରାଯାଇଥିଲା । ସେହି ସ୍ଥାନ ମାନଙ୍କରେ ଭିଡ ଜମାଇଥିବା ବିଦେଶାଗତ ପକ୍ଷୀଙ୍କ ଗଣନା କରାଯାଇଥିଲା। ସାଧାରଣତଃ ଖୋଲାଜାଗା, ଧାନବିଲ, ନଦୀପଠା ଓ ଜଳାଶୟ ଗୁଡିକରେ ଅଧିକ ସଂଖ୍ୟକ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଗତ ୧୦ ବର୍ଷର ଭିତରକନିକାରେ ଭିଡ ଜମାଇଥିବା ବିଦେଶୀ ପକ୍ଷୀଙ୍କ ଗଣନା ରିପୋର୍ଟ ଅନୁସାରେ ଚଳିତବର୍ଷ ସର୍ବାଧିକ ବିଦେଶୀ ପକ୍ଷୀ ଭିଡ ଜମାଇଛନ୍ତି। ସାତଭାୟା, ଗହୀରମଥାର ଚଟକା ଓ ଶାସନପେଟା ଫରେଷ୍ଟ ବ୍ଲକ ଅଞ୍ଚଳରେ ଅଧିକ ସଂଖ୍ୟାରେ ବିଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳିଛି।